## ସଂକ୍ଷେପରେ

### ୨ ପରିବାରକୁ ସାମାଜିକ କର୍ମୀଙ୍କ ସହାୟତା



ବରୀ,୨୦।୮(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଧୀନ ଧାରପୁର ଗ୍ରାମର ଦିବ୍ୟାଙ୍ଗ ପୂର୍ଣ୍ଣଚନ୍ଦ୍ର ସାହୁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାର ବେଶାହାରା ହୋଇ ପଡ଼ିଛନ୍ତି। ଏହି ଖବର ପାଇ ବରୀ ଅଞ୍ଚଳର ସାମାଜିକ କର୍ମୀ ଅଶୋକ ବେହେରା ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ବ୍ୟକ୍ତିଗତ ଭାବେ ସାହାଯ୍ୟ କରିଛନ୍ତି। ସେ ଘଟଣାସ୍ଥଳକୁ ଆସିଥିବା ବେଳେ ସ୍ଥାନୀୟ ଅଧିବାସୀମାନେ ଦୂରାରୋଗରେ ପୀଡ଼ିତ ଶମ୍ଭୁନାଥ ଶାନ୍ତିଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରିଥିଲେ। ତେଣୁ ବେହେରା ମଧ୍ୟ ଶମ୍ଭୁନାଥଙ୍କ ବାସଭବନକୁ ଯାଇ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହାୟତା ପ୍ରଦାନ ସମୟରେ ଆଶିଷ କୁମାର ସାମଲ, ରଘୁନାଥ ବେହେରା, ସରୋଜ କୁମାର ପଣ୍ଡା ଓ ନବଘନ ଶାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅଧିକ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବେହେରା ବରୀ ଅଞ୍ଚଳରେ ବିଭିନ୍ନ ସମୟରେ ପହଞ୍ଚି ଲୋକଙ୍କୁ ସହାୟ୍ୟ କରିଥାନ୍ତି। ଅଞ୍ଚଳରେ ଆର୍ଥିକ ଦୁର୍ବଳ ଥାଇ ଚିକିତ୍ସାରୁ ବଞ୍ଚିତ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ନିମନ୍ତେ ସେ ସହଯୋଗର ହାତ ବଢ଼ାଇବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

### ଚୋରା ମଦ କାରବାର ରୋକିବାକୁ ଦାବି

ପ୍ରୀତିପୁର,୨୦।୮(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତର ବଡ଼ମଲ୍ଲିପୁର, ଜଗନ୍ନାଥପୁର, ଚନ୍ଦ୍ରମୁଁ, ବାଣପୁର ଏବଂ ରାଉତରା ଗ୍ରାମରେ ଚୋରାମଦ କାରବାର ବୃଦ୍ଧି ପାଉଛି। ଏହାକୁ ନେଇ ପଞ୍ଚାୟତର ରାଉତରାଠାରୁ ମହିଳାମାନେ ମଦ ବିରୋଧୀ ନାରା ଦେଇ ଥାନା ପର୍ଯ୍ୟନ୍ତ ପଦଯାତ୍ରା କରିବା ସହ ଚୋରାମଦ କାରବାର ବନ୍ଦ କରିବାକୁ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଚୋରାମଦ କାରବାର ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ମହିଳାମାନେ ଦାବିପତ୍ରରେ ଦର୍ଶାଇଛନ୍ତି।

# ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ ଏଜେନ୍ସି ଦେବାକୁ ବିରୋଧ

## ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ବୈଠକ

ଯାଜପୁର ଟାଉନ୍,୨୦।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ବୈଠକ ଅମ୍ବିକାଇସ୍ଥିତ ଲୋକନାଥ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପାଧ୍ୟକ୍ଷ ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ରାଜ୍ୟ ସାଧାରଣ ସମ୍ପାଦିକା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ସଭାନେତ୍ରୀ ସସ୍ମିତା ଜେନା, ଜିଲା ସଭାପତି ଆନନ୍ଦ କୁମାର ସାହୁ, ସମ୍ପାଦକ ନରହରି ଦାଶ, କୋଷାଧ୍ୟକ୍ଷ ଲକ୍ଷ୍ମିପ୍ରୀୟା ବରାଳ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ନାୟକ ସାହୁ ପ୍ରମୁଖ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଅକ୍ଟୋବର ୨ରୁ୬ତାରିଖ ପର୍ଯ୍ୟନ୍ତ ୨୧ଦଫା ଦାବିପୂରଣ ପାଇଁ ନୂଆଦିଲ୍ଲୀ ଜନ୍ତର ମନ୍ତରଠାରେ ଧାରଣା ପ୍ରଦର୍ଶନ




ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ବୈଠକରେ ଯୋଗଦେଇଥିବା ଅତିଥିମାନେ।

କରାଯିବ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର ଉପସ୍ଥାପନ କରାଯିବ ବୋଲି କହିଥିଲେ।

ଏଥିରେ ଜିଲା ସଂଘ ପକ୍ଷରୁ ବିପୁଳ ସଂଖ୍ୟକ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଯୋଗ ଦେବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ ଏଜେନ୍ସି ଦେବାକୁ ବିରୋଧ କରାଯାଇଥିଲା। ଏଥିସହିତ ମହିଳା ପ୍ରଧାନ ଅଭିକର୍ତ୍ତାଙ୍କୁ ୫ ପ୍ରତିଶତ କମିଶନ୍ ଦିଆଯିବା ବ୍ୟବସ୍ଥା କରିବା, ଏଜେନ୍ସି ନବୀକରଣ ସମୟରେ ପ୍ରତି ତିନିବର୍ଷରେ ହେଉଥିବା ପୋଲିସ ଯାଞ୍ଚ ବନ୍ଦ କରିବା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏଲ୍ଆଇ, ବରିଷ୍ଠ ନାଗରିକ ଏବଂ ମହିଳା ସମ୍ମାନ ନିଧି ଯୋଜନାକୁ ଅଭିକର୍ତ୍ତା ବିକ୍ରୟ କରାଯିବା, ମହିଳା ଅଭିକର୍ତ୍ତାଙ୍କୁ ଡିଓପି ପୋଟାଲ ମାଧ୍ୟମରେ ଆର୍‌ଡି ସିଡ୍ୟୁଲ ଜମା କରିବାର ସୁବିଧା, ଏଜେନ୍ସି ନବୀକରଣ ଲାଇଫ୍ ଟାଇମ୍ କରାଯିବା, ଅର୍ଥ ମନ୍ତ୍ରଣାଳୟରୁ କିମ୍ବା ଡାକ ବିଭାଗରୁ ଆସୁଥିବା ସୂଚନାକୁ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଦିଆଯିବା, ଅର୍ଥ ମନ୍ତ୍ରଣାଳୟରୁ ଅଭିକର୍ତ୍ତାଙ୍କୁ ଫଟୋ ପରିଚୟ ପତ୍ର ଉପଲବ୍ଧ କରାଯିବା, ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କରୁ ଅଭିକର୍ତ୍ତାଙ୍କ ମାଧ୍ୟମରେ ଯୋଡ଼ା ଯିବା, ୨୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଅଭିକର୍ତ୍ତା ୬୦ବର୍ଷ ବୟସ୍କଙ୍କୁ ପେନ୍‌ସନ୍ ଯୋଜନାରେ ସାମିଲ କରିବା, ଦେଶର ଯେକୌଣସି ଡାକଘରେ ଅଭିକର୍ତ୍ତା ବ୍ୟବସାୟ କରି କମିଶନ୍ ପ୍ରାପ୍ତ କରିବା ଓ ଅଭିକର୍ତ୍ତାଙ୍କ କମିଶନ୍ ୧ ଡିସେମ୍ବର ୨୦୧୧ ଭଳି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦିଲ୍ଲୀଧାରଣା ସମୟରେ କୌଣସି ଅଭିକର୍ତ୍ତା ପୋଷ୍ଟ ଅଫିସ୍‌କୁ ଯାଇ ବ୍ୟବସାୟ ନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଯାଜପୁର ମୁଖ୍ୟ ଡାକଘରର ଅଭିକର୍ତ୍ତାମାନଙ୍କ ସହିତ ଜିଲାର ସମସ୍ତ ଡାକଘରର ଅଭିକର୍ତ୍ତା ଯୋଗ ଦେଇଥିଲେ।

# ଏମ୍‌ଏସ୍‌ଏମ୍‌ଇ କାଉନ୍‌ସିଲର ବୈଠକ

କଳିଙ୍ଗନଗର,୨୦।୮(ଶୁଭାଶିଷ ରାଉତ): ଏମ୍‌ଏସ୍‌ଏମ୍‌ଇ ପ୍ରମୋସନ କାଉନସିଲ ଅଫ ଇଣ୍ଡିଆ ଯାଜପୁର ଶାଖା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ତାଲିମ ସମ୍ପର୍କୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କିପରି ଅଧିକରୁ ଅଧିକ ଯୁବ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ସେ ଦିଗରେ କାର୍ଯ୍ୟ କରିବା ସହିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଏବଂ ପ୍ରୋତ୍ସାହିତ କରିବା ଏହି ବୈଠକର ମୂଳ ଉଦେଶ୍ୟ ଥିଲା। ସବୁ ବର୍ଗର ଲୋକେ କିଭଳି ରୋଜଗାର କରି ଆୟର ଉତ୍ସ ହାସଲ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏବଂ ସରକାରଙ୍କ ସବୁ ଯୋଜନାର ସଫଳ ରୂପାୟନ ହୋଇପାରିଲେ ସମସ୍ତେ ଏହି ଯୋଜନାର ଲାଭ ନେଇପାରିବେ। ପ୍ରଚାର ପ୍ରସାର ଅଭାବରୁ ଏହି ଯୋଜନାର କାର୍ଯ୍ୟକାରିତା ଏବଂ ଉପକାରିତା ଯୋଜନ ଯୋଜନ ଦୂରରେ ରହିଛି ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ହେଉଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଚିବ କେନ୍ଦ୍ରୀୟ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ କାଉନସିଲ ଦୁଷ୍ମନ୍ତ ଯାଦବ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ କଟକର ଅତିରିକ୍ତ ନିର୍ଦ୍ଦେଶକ ପିଆର ଜେନା, ସେଣ୍ଟ୍ରାଲ ବ୍ୟାଙ୍କ ଯାଜପୁର ରୋଡ ଶାଖାର ମୁଖ୍ୟ ପ୍ରବନ୍ଧକ ସୁନିଧି ପଣ୍ଡା, ଓଡ଼ିଶା କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ପ୍ରମୋସନାଲ କାଉନସିଲର ଅଧ୍ୟକ୍ଷ ରବି ମାଝୀ, ଅତିରିକ୍ତ ଅଧ୍ୟକ୍ଷ ଦେବରାଜ ପ୍ରଧାନ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ମଲ୍ଲିକ, ଆଞ୍ଚଳିକ ଅଧିକାରୀ ପ୍ରଦୀପ କୁମାର ଚକ୍ର ଓ ଆଞ୍ଚଳିକ ମୁଖ୍ୟ ଶିଶିର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ




'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଖରସ୍ରୋତା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସିଂହପୁର,୨୦।୮ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଉପଲକ୍ଷେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଘନଶ୍ୟାମ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସମ୍ପୃକ୍ତ ବିଭାଗର ଯୋଜନା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ପୋଷ୍ଟାଲ ଏମ୍ପ୍ଲୟିଜ୍ ଆସୋସିଏଶନ୍‌ର ବାର୍ଷିକ ସମ୍ମିଳନୀ




ପୋଷ୍ଟାଲ ଏମ୍ପ୍ଲୟଜ୍ ଆସୋସିଏଶନ୍‌ର ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା ।

ଯାଜପୁର ଟାଉନ୍,୨୦।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଭାରତୀୟ ପୋଷ୍ଟାଲ ଏମ୍ପ୍ଲୟିଜ୍ ଆସୋସିଏଶନ୍ ଯାଜପୁର ଡିଭିଜନ୍‌ର ଜଏଣ୍ଟ ଡିଭିଜନାଲ କନ୍‌ଫରେନ୍ସର ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଯାଜପୁରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ପୋଷ୍ଟାଲ ଡିଭିଜନ୍‌ର ଅଧୀକ୍ଷକ ଶୁଭ୍ରାକାଶ ନାୟକ, ମୁଖ୍ୟବକ୍ତା ରାଜକିଶୋର ମହାପାତ୍ର, ସମ୍ମାନିତ ଅତିଥି ଓଡ଼ିଶା ସର୍କଲ ସମ୍ପାଦକ ଶୋଭନ କୁମାର ମହାନ୍ତି, ଭାରତୀୟ ମଜଦୁର ସଂଘ ଜିଲା ସଭାପତି ବଟକୃଷ୍ଣ ସାହୁ, ସତ୍ୟବ୍ରତ ଜେନା, ହେମନ୍ତ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦେବରଞ୍ଜନ ଦେଓଙ୍କ ସଭାପତିତ୍ୱରେ ୩ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସର୍ବସମ୍ମତି କ୍ରମେ ତୃତୀୟ ଶ୍ରେଣୀ ସଂଘର ମଣ୍ଡଳ ସମ୍ପାଦକ ଭାବେ ଆଲୋକ କୁମାର ସାହୁ, କୋଷ୍ଟ ମ୍ୟାନ୍ ଏମ୍‌ଟିଏସ୍ ସଂଘର ମଣ୍ଡଳ ସମ୍ପାଦକ ଭାବେ ସତ୍ୟରଞ୍ଜନ ଦାସ, ଜିଡିଏସ୍ ୟୁନିୟନ୍‌ର ସମ୍ପାଦକ ଭାବେ ହେମନ୍ତ କୁମାର ରାୟ ମନୋନୀତ ହୋଇଥିଲେ। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଗଗନ ବିହାରୀ ଜେନା, ସଚ୍ଚିଦାନନ୍ଦ ଦାସ, ପ୍ରିୟରଞ୍ଜନ ଦାସ, ସଂଗ୍ରାମ କେଶରୀ ବାରିକ, ତପନ କୁମାର ଜେନା, ବିନୋଦ ବିହାରୀ ରାଉଳ, ଜୟପ୍ରକାଶ ନାୟକ, ବିନାୟକ ସାହୁ, ଶାହାଯାନ୍ ଖାନ୍, ପ୍ରଭାସିନୀ ଧଳ, ରିନୁମୟୀ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଡିଭିଜନ୍‌କୁ ଏକ ଅଗ୍ରଣୀ ଡିଭିଜନ୍ ଭାବେ ଗଢ଼ିତୋଳିବା ପାଇଁ କର୍ମକର୍ତ୍ତା ଶପଥପାଠ କରିଥିଲେ। ସଭାରେ ଅମୀୟ କୁମାର ଦାସ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଯାଜପୁର ରୋଡ୍,୨୦।୮ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଜିଲାସ୍ତରୀୟ ଓ ଉତ୍ତର ପୂର୍ବ ସଂଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ୩ ଦିନ ଧରି ବ୍ୟାସନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ପୂର୍ବ ସଂଭାଗ ସଭାପତି ଶିବନାରାୟଣ ସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଦୁର୍ଯ୍ୟୋଧନ ରାଉତ ଓ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ବୈଦିକ ଗଣିତ ପ୍ରଶ୍ନମଞ୍ଚ ଓ ପତ୍ରବାଚନ ଆଦିରେ ୧୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ପ୍ରାନ୍ତ ବିଦ୍ୟାମନ୍ଦିର ଗଣିତ ପ୍ରମୁଖ ବୃତ୍ତକଥନ କରିଥିଲେ। ପୂର୍ବତନ ପ୍ରାନ୍ତ ଗଣିତ ପ୍ରମୁଖ ଦୟାନିଧି ଚୌଧୁରୀ କୃତୀ ପ୍ରତିଯୋଗୀଙ୍କ ପୁରସ୍କାର ଘୋଷଣା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ, ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ରାଜକୃଷ୍ଣ ପାଳ, ନରେନ୍ଦ୍ର ଦାସ, ନିର୍ମଳ ମିଶ୍ର, ସନ୍ତୋଷ ବେହେରା ଓ ସମସ୍ତ ଗୁରୁଜୀଗୁରୁମା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖରସ୍ରୋତା ନଦୀବନ୍ଧ ଗଡ଼ା ବିପଦ ସଙ୍କୁଳ



ସିଂହପୁର,୨୦।୮ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ ହରସିଂହପୁର ଗ୍ରାମର ୧ନଂ. ୱାର୍ଡ ଦାଶ ସାହି ଖରସ୍ରୋତା ନଦୀ ବନ୍ଧ ଗଡ଼ା ବିପଦ ସଙ୍କୁଳ ପାଲଟିଛି। ଏହି ଗଡ଼ାଟି ଡିଖା ହୋଇଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ବାଇକ୍ ଚାଳକମାନେ ନଦୀ ବନ୍ଧକୁ ଉଠିବାବେଳେ ପଡ଼ି ଆହତ ହେଉଛନ୍ତି। ଗଡ଼ାଟି ୮ ବର୍ଷ ତଳେ ନିର୍ମିତ ହୋଇଥିଲା। ଏବେ ଢଳେଇ ଭାଙ୍ଗି ଯାଇଥିବାରୁ ଏଭଳି ଅବସ୍ଥାରେ ଅଛି। ତେଣୁ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଗଡ଼ା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମେଡିକାଲ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା ଲାଙ୍ଗୁଡି ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ଛାତ୍ର ସଂଗ୍ରାମ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କାଏମା,୨୦।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଲାଙ୍ଗୁଡି ସୁରକ୍ଷା ମଞ୍ଚ ତରଫରୁ ମେଡିକାଲ ଛାତ୍ର ସଂଗ୍ରାମ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ତର ପ୍ରତାପ ପଞ୍ଚାୟତ ରାଖିପାଟଣା ଗ୍ରାମର ଅଭିରାମ ସ୍ୱାଇଁଙ୍କ ପୁତ୍ର ସଂଗ୍ରାମ ଅଭାବ ଅନାଟନ ମଧ୍ୟରେ ଏନ୍‌ଇଇଟି ପରୀକ୍ଷାରେ ସଫଳତା ପାଇଛନ୍ତି। ତେଣୁ ଡାକ୍ତରୀ ପାଠ ପଢ଼ିବା ପାଇଁ ଧାର ଉଦ୍ଧାର କରି ସେ ସମ୍ବଲପୁର ବୁର୍ଲା ଭିମସାର ମଡିକାଲ କଲେଜରେ ନାମ ଲେଖାଇଛନ୍ତି। ସଂଗ୍ରାମ ପାଠ ପଢ଼ିବା ପାଇ ହଇରାଣ ହେଉଥିବା ଖବର ପାଇ ଲାଙ୍ଗୁଡି ସୁରକ୍ଷା ମଞ୍ଚ ସଭାପତି ଆଲୋକ ଜେନାସାମନ୍ତ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପର ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ ଜେନା, ପାଟପୁର ସରପଞ୍ଚଙ୍କ ପ୍ରତିନିଧି ଦୁଃଶାସନ ନାୟକ, ଯୁବନେତା ସବ୍ୟସାଚୀ ପଣ୍ଡା ଓ ବୁଦ୍ଧିଜୀବୀ ସଂଗ୍ରାମଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଚଣ୍ଡିଖୋଲ,୨୦।୮ (ପ୍ରଦୀପ୍ତ କୁମାର ପୃଷ୍ଟି): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ରବିବାର ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ରୁକୁଟି ପାଟଠାରେ ପାଳିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ପକ୍ଷରୁ କର୍ମୀମାନେ ଏକତ୍ରିତ ହୋଇ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ ସଭାପତି ରବୀନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଅଜୟ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜୀବଙ୍କ ସମୟରେ ଭାରତବର୍ଷ ରାଜନୀତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲାପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ବିଶ୍ୱପ୍ରକାଶ ସାମଲ, ଚାନ୍ଦ ଖାଁ, ସମିତିସଭ୍ୟ ଧର୍ମଜିତ୍ ବଳ, ଅଶୋକ କୁମାର ରାଉତ, ବାହୁଦ୍ଦିନ ଖାଁ, ସଞ୍ଜୟ କୁମାର କର, ଶାନ୍ତନୁ ଜେନା, କାହ୍ନୁଚରଣ ଦାସ, ସମ୍ପଦ କୁମାର ଦାସ, ଅଶୋକ କୁମାର ବେହେରା, ସରୋଜ କୁମାର ଜେନା, ବିକାଶ ଚନ୍ଦ୍ର ବାରିକ, ନାରାୟଣ ଦାସ, ଶରତ କୁମାର ସାହୁ ଓ ଅୟାସୁଦ୍ଦିନ୍ ଖାଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ଅନ୍ୟମାନେ।

# ଉତ୍କଳ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ

ଯାଜପୁର,୨୦।୮(ହର୍ଷବର୍ଦ୍ଧନ ବେହେରା): ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ ମଙ୍ଗଳପୁର ବଜାରସ୍ଥିତ ଶକ୍ତି ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ ରାଜ୍ୟସଭାପତି ବିଭୁତି ଭୂଷଣ କର ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ ମୁଖ୍ୟବକ୍ତା, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ସମ୍ମାନିତଅତିଥି, ରାଜ୍ୟ ଉପସଭାପତି ପ୍ରଦୀପ ତ୍ରିପାଠୀ, ରାଜ୍ୟ କୋଷାଧ୍ୟକ୍ଷ ରାଜନ ଚୌଧୁରୀ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ରାଜ୍ୟ ଉପଦେଷ୍ଟା ବଙ୍କିମ ଚନ୍ଦ୍ର ନାୟକ, ଉପଦେଷ୍ଟା ବିଶ୍ୱନାଥ ପଣ୍ଡା, ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବିନାରାୟଣ କର, ଖବରଦାତା ସୂର୍ଯ୍ୟମଣି ମିଶ୍ର, ଦଶରଥପୁର ବ୍ଲକ ସଂଘ ସଭାପତି ଦେବେନ୍ଦ୍ର ସାମଲ, ଦଶରଥପୁରର ସମ୍ପାଦକ ଜୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଉତ୍କଳ ସାମ୍ବାଦିକ ସଂଘ ଖବରଦାତାଙ୍କ ସ୍ୱାର୍ଥ ପାଇଁ ଲଢେଇ କରି ଆସୁଛି ଓ ଆଗାମୀ ଦିନରେ ଲଢେଇକୁ ଜୋରଦାର କରାଯିବ ବୋଲି ମତବ୍ୟକ୍ତ କରିଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ।

ଏହାପରେ ଜିଲା କମିଟିର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଯାଜପୁର ମ୍ୟୁନିସିପାଲିଟିରୁ ଭରତ ନାୟକ, ବ୍ୟାସନଗରରୁ ଯଜ୍ଞଦତ୍ତ ତ୍ରିପାଠୀ, ଧର୍ମଶାଳା ବ୍ଲକରୁ ଅଶୋକ ଦାସ, କୋରେଇରୁ ଆଶୁତୋଷ ମହାନ୍ତି, ରସୁଲପୁରରୁ ମନୋଜ ନାୟକ, ବିଂଝାରପୁରରୁ ଜିତେନ୍ଦ୍ର ବେହେରା, ଦାନଗଦିରୁ ଶୁଭାଶିଷ ଦାସ ମହାପାତ୍ର, ଦଶରଥପୁରରୁ ଦେବେନ୍ଦ୍ର ସାମଲ, ଯାଜପୁରରୁ କୃଷ୍ଣ ଚନ୍ଦ୍ର ନାୟକ, ବରୀରୁ ସୁରେଶ କର, ସୁକିନ୍ଦାରୁ ଅସିତ ମହାନ୍ତି ଓ ବଡ଼ଚଣା ବ୍ଲକରୁ ଗୁଲାମ ଆଲିଫ ପ୍ରମୁଖଙ୍କୁ ବ୍ଲକ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଭାବେ ପୀତବାସ ଭୁୟାଁ, କାର୍ଯ୍ୟକାରୀ ସଭାପତି ରଙ୍ଗ ବଲ୍ଲଭ ସାହୁ, ଲମ୍ବୋଦର ଦଳ ବେହେରା, ଦେବବ୍ରତ ଦେବତା, ଉପସଭାପତି ଭାବେ ବାଞ୍ଛାନିଧି ସାହୁ, ପବିତ୍ର ରଞ୍ଜନ ମହାନ୍ତି, ପ୍ରମୋଦ ଜେନା, କପିଳେନ୍ଦ୍ର ରାଉତ, ଜିଲା କୋଷାଧ୍ୟକ୍ଷ ଭାବେ ସଞ୍ଜୟ କର, ସଙ୍ଗଠନ ସମ୍ପାଦକ କଳ୍ପତରୁ ପଣ୍ଡା, ସମ୍ପାଦକ ଭାବେ ଅଜୟ ଜେନା, ଜ୍ୟୋତିପ୍ରକାଶ ମିଶ୍ର, ଶୁଭାଶିଷ ରାଉତ, ରବୀନ୍ଦ୍ର ସାମଲ, କ୍ଷୀରୋଦ ମୁଦୁଲି, ପ୍ରତାପ କେଶରୀ ରାଉତ ରାୟ, ସହସମ୍ପାଦକ ଭାବେ ଚନ୍ଦ୍ର ଶେଖର ପୃଷ୍ଟି, ମନୋଜ ରଣା, ଜାତୀୟ କାର୍ଯ୍ୟକାରିଣୀ କମିଟିରେ ସଦସ୍ୟ ଭାବେ ପ୍ରଦୀପ ଚାନ୍ଦ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଥିଲା। ଦଶରଥପୁର ବ୍ଲକସଂଘ ପକ୍ଷରୁ ନୂତନ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖନୀୟ ସେବା କ୍ଷେତ୍ରରେ ଅବସରପ୍ରାପ୍ତ ଡା. ଗୋପାଳ ଚନ୍ଦ୍ର ମିଶ୍ର, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ବିନ୍ଦୁସାଗର ସାମଲ, ଡା. ରାଜେନ୍ଦ୍ର ପୃଷ୍ଟି, ଡା. ଅମ୍ରିତା ପ୍ରିତମ ମଲ୍ଲ, ସାମାଜିକ କର୍ମୀ ମିହିର କୁମାର ମଲ୍ଲିକ, ଉଦ୍ୟୋଗପତି କୃଷ୍ଣ ଚନ୍ଦ୍ର ପୃଷ୍ଟି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭେନ୍ଦୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ୫-ଟି ଅନୁଦାନ ଆତ୍ମସାତ୍ ଉଦ୍ୟମ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୦।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବୋଧଗାଁ ଗ୍ରାମର ଅଧିବାସୀମାନେ ଶ୍ରୀ ଶ୍ରୀପାଗଳାବାବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଳିଥିବା ୫-ଟି ଅନୁଦାନକୁ ଆତ୍ମସାତ୍ ଉଦ୍ୟମ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ (ମଡେଲ) ଉନ୍ନତମାନର ଗୃହ ନିର୍ମାଣ ପାଇଁ ୫-ଟିଶିକ୍ଷା ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଛି। ବେଆଇନ ଭାବେ ଗ୍ରାମର ଜଣେ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଉନ୍ନୟନ ଅଧିକାରୀ ଚଞ୍ଚକତା କରି ଏହି କାର୍ଯ୍ୟ କରିବା ପାଇଁ ଉଦ୍ୟମ କରାଯାଉଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଥିଲେ। ମାତ୍ର ବ୍ଲକ ଅଧିକାରୀ ନାଲିଆଖି ଦେଖାଇବା ସହ ସମସ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଧମକ ଦେଇଥିଲେ। ଏ ନେଇ ରାଜନଗର ବିଧାୟକ ଓ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଛି। ଏହାର କୌଣସି ସୁଫଳ ନ ମିଳିବାରୁ ସ୍କୁଲ କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ଶା କୃଷକ ସଭାର ଜିଲା ସଭାପତି ଗୟାଧର ଧଳଙ୍କ ନେତୃତ୍ୱରେ ବିଜୟ ଦାସ, ଯଦୁମଣୀ ଦାସ, ସୁଦର୍ଶନ ମଲ୍ଲିକ, ସହଦେବ ଦାସ, ଲକ୍ଷ୍ମଣ ପ୍ରଧାନ, ସରୋଜକାନ୍ତ ସାହାଣୀ, ଶିଶିର ବାରିକ, ଶୁଭଶ୍ରୀ ଦାସ, ଚନ୍ଦନ ବେହେରା, ପ୍ରଦୀପ ସାହୁ ପ୍ରମୁଖ ସାମିଲ ହୋଇ ଶନିବାର ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଯାଇଥିଲେ। ମାତ୍ର ଜିଲାପାଳ ଅମୃତ ଋତୁରାଜ ଅନୁପସ୍ଥିତ ଥିବାରୁ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତିବୋଲିଅଭିଯୋଗକାରୀ କହିଛନ୍ତି।

### ୨ ପରିବାରକୁ ସାମାଜିକ କର୍ମୀଙ୍କ ସହାୟତା

ବରୀ,୨୦।୮(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ଧାରପୁର ଗାଁର ଦିବ୍ୟାଙ୍ଗ ପୂର୍ଣ୍ଣଚନ୍ଦ୍ର ସାହୁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାର ବେଶାହାରା ହୋଇ ପଡ଼ିଛନ୍ତି। ଏହି ଖବର ପାଇ ବରୀ ଅଞ୍ଚଳର ସାମାଜିକ କର୍ମୀ ଅଶୋକ ବେହେରା ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ବ୍ୟକ୍ତିଗତ ଭାବେ ସାହାଯ୍ୟ କରିଛନ୍ତି। ସେ ଘଟଣାସ୍ଥଳକୁ ଆସିଥିବା ବେଳେ ସ୍ଥାନୀୟ ଅଧିବାସୀ ଦୂରାରୋଗରେ ପୀଡ଼ିତ ଶମ୍ଭୁନାଥ ଶାନ୍ତିଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରିଥିଲେ। ତେଣୁ ବେହେରା ମଧ୍ୟ ଶମ୍ଭୁନାଥଙ୍କ ବାସଭବନକୁ ଯାଇ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହାୟତା ପ୍ରଦାନ ସମୟରେ ଆଶିଷ କୁମାର ସାମଲ, ରଘୁନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅଧିକ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥାଇ ଚିକିତ୍ସାରୁ ବଞ୍ଚିତ ଓ ।ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ନିମନ୍ତେ ସେ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢ଼ାଇବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ମରାମତିକୁ ୬ ମାସ ପୂରିଲାନି: ରାସ୍ତାରେ ଖାଲ

ପଟ୍ଟାମୁଣ୍ଡାଇ, ୨୦।୮ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ବନ୍ଧରେ ଖାଲଖମା।

- ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ବନ୍ଧ
- ଯାତାୟାତ୍ତ ବାଧା ଉପୁଜୁଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ଘେରି ବନ୍ଧ ବାଇପାସ୍‌ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ସାଢେ ୧୨ କିମି ରାସ୍ତା ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ଲେଉଟିଆ କିଆରି ସାଜିଛି। ଗତ ୨ ବର୍ଷ ମଧ୍ୟରେ ଉକ୍ତ ରାସ୍ତାର ନିର୍ମାଣ ଓ ମରାମତି ବାରମ୍ବାର କରାଯାଇଛି। କିନ୍ତୁ ରାସ୍ତା ନିର୍ମାଣ, ମରାମତି ହେବା ପରେ ମଧ୍ୟ ରାସ୍ତାରୁ ପିଚୁ ଉଠିଯିବା ସହ ଗାତ ସୃଷ୍ଟି ହୋଇ ଯାତାୟାତରେ ଅନ୍ତରାୟ ସୃଷ୍ଟି କରିଛି ।

ସାମାଜିକ କର୍ମୀ ଆଲୋକ ଧଳ, ମିଟୁ ଧଳ, ପ୍ରବୋଧ ଖଣ୍ଡେଇ, ସୁଶାନ୍ତ ଯେନା ପ୍ରମୁଖ କୁହିଛନ୍ତି, କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନରେ କେଳେଙ୍କାରୀ ପଦାରେ ପଡ଼ିଛି। ପଟ୍ଟାମୁଣ୍ଡାଇ ବାଇପାସ ପାଖରୁ ଇନ୍ଦୁପୁର ମଧ୍ୟରେ କୋଟି କୋଟି ଟଙ୍କାର କାମ ହୋଇଛି। ମାତ୍ର ବିଭାଗୀୟ ଅଧିକାରୀ ବେଫିକର ମନୋଭାବ ଯୋଗୁ ରାସ୍ତାର ଚାରିଆଡେ ପିଚୁ ଉଠି ଗାତ ସୃଷ୍ଟି ହୋଇ ଯାତାୟାତରେ ବାଧା ଉପୁଜୁଛି। ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ଘେରି ବନ୍ଧ ମରାମତି କାର୍ଯ୍ୟ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୬ ମାସ ତଳେ ପଟ୍ଟାମୁଣ୍ଡାଇ ବାଇପାସ୍ ପାଖରୁ କୈଳାସି ପୋଲ ପଛକୁ ୯ ଶହ ମିଟର କର୍ଯ୍ୟ ପାଇଁ ୨୬ ଲକ୍ଷ ବ୍ୟୟ ଅଟକଳରେ ଖାଲଖମା ମରାମତି ଓ ଉପର ପିଚୁ କାର୍ଯ୍ୟ ହୋଇଥିଲା। ସେହିଠାରୁ ନୀଳକଣ୍ଠପୁର ପର୍ଯ୍ୟନ୍ତ ୧୫ ଶହ ମିଟର କାମ ପାଇଁ ୫୫ ଲକ୍ଷ ବ୍ୟୟ ଅଟକଳରେ ଖାଲଖମା ମରାମତି ହୋଇଥିଲା। ୮ ମାସ ତଳେ ଘାଘରାଠାରୁ ଚଉଦକୁଲାଟ ପର୍ଯ୍ୟନ୍ତ ୨ କିମି, ଚଉଦକୁଲାଟଠାରୁ ନୀଳକଣ୍ଠପୁର ଘେରି ପର୍ଯ୍ୟନ୍ତ ୨ କିମି ରାସ୍ତା ପାଇଁ ୪୮ ଲକ୍ଷ ୯୪ ହଜାର ବ୍ୟୟ ଅଟକଳରେ ଖାଲଖମା ମରାମତି ଓ ଉପର ପିଚୁ କାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ରାସ୍ତାରେ ବଡ଼ ବଡ଼ ଗାତ ହୋଇଛି। ଠିକାଦାର ଓ ଯନ୍ତ୍ରୀ ସଲାସୁତରାରେ କୋଟି କୋଟି ଟଙ୍କାର କାମକୁ ଅତି ନିମ୍ନମାନର କରାଯାଇ ହରିଲୁଟ କରାଯାଉଛି ବୋଲି ଅଭିଯୋଗ ହେଉଛି। ବୁଦ୍ଧିଜୀବୀ ପ୍ରମୋଦ ଜେନା କହିଛନ୍ତି, ବ୍ରାହ୍ମଣୀ ଘେରି ବନ୍ଧ ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ଖାଲଖମାରେ ପରିଣତ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହାର ମରାମତି ପାଇଁ ସାଧାରଣରେ ଦାବି ହୋଇ ଆସୁଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ରାସ୍ତାର ମରାମତି ପାଇଁ ୪ଟି ପର୍ଯ୍ୟାୟରେ ୧ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକୁ କରିବାକୁ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଠିକାଦାର ନାମକୁ ମାତ୍ର ଜେନେତେନ ପ୍ରକାର ନିମ୍ନମାନର କାମ କରି ସାରି ଦେଇଥିଲେ। ଫଳରେ ୬ ମାସ ଭିତରେ ରାସ୍ତାରେ ଆଣ୍ଠୁଏ ଲେଖାଏ ଗାତ ସୃଷ୍ଟି ହୋଇଛି। ଘେରିବନ୍ଧ ଉପରେ ଇନ୍ଦୁପୁର ପାଖରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ନିର୍ଭର କରୁଥିବା ବେଳେ ଏହି ରାସ୍ତାକୁ ଜଳସମ୍ପଦ ବିଭାଗ ଉପର ଠାଉରିଆ ଭାବେ ମରାମତି କରିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଏହି କାମ ସମ୍ପର୍କରେ ମୁଁ ଅନୁଧାନ କରି ପୁନଃ ନିର୍ମାଣ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି।

## ମୋବାଇଲ ଦୋକାନରୁ ଚୋରିବେଳେ ୨ ଦୁର୍ବୃତ୍ତ ଧରାପଡ଼ିଲେ

ରାଜକନିକା,୨୦।୮
(ରବୀନ୍ଦ୍ର କୁମାର ଦାସ/ ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା କଣ୍ଟପଡ଼ା ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ଶନିବାର ବିଳମ୍ବିତ ରାତ୍ରିରେ ୨ଜଣ ଦୁର୍ବୃତ୍ତ ଉପର ଆଜବେଷ୍ଟସ ଭାଙ୍ଗି ଭିତରେ ପଶିଥିଲେ। ଦୋକାନର ଡ୍ର ଭାଙ୍ଗିବା ସହ ମୋବାଇଲଗୁଡ଼ିକୁ ଏକ ବସ୍ତାରେ ପୂରାଉଥିବା ବେଳେ ଶବ୍ଦ ଶୁଣି ବାହାରେ ଶୋଇଥିବା ଜଣେ ସ୍ଥାନୀୟ ଲୋକ ପାଖ ପାନ ଦୋକାନକୁ ଖବର ଦେଇଥିଲେ। ପାନ ଦୋକାନୀ ସ୍ଥାନୀୟ ଲୋକ ଓ ମୋବାଇଲ ଦୋକାନୀଙ୍କୁ ଖବର କରିଥିଲେ। ପରେ ସମସ୍ତେ ଆସି ମୋବାଇଲ ଦୋକାନଟିକୁ ଘେରି ଯାଇଥିଲେ। ଖବର ପାଇ ପୋଲିସ ଏସ୍‌ଆଇ ଚିନ୍ମୟ ମହାନ୍ତି ସଦଳବଳ ପହଞ୍ଚି ୨ଜଣ ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ମୋବାଇଲ, ଆସେସୋରିଜ ଓ ନଗଦ ୧୭,୦୮୦ ଟଙ୍କା ଜବତ କରିଛି। ଥାନା ଅଧିକାରୀ ଦିଲୀପ ଧଳଙ୍କୁ ପଚାରିବାରେ ୨ ଦୁର୍ବୃତ୍ତଙ୍କ ଘର କେନ୍ଦ୍ରାପଡ଼ା ଗୁଲନଗର ଓ ରଣପଡ଼ାରେ। ପୋଲିସ ସେମାନଙ୍କୁ ଅଟକ ରଖି ତଦନ୍ତ କରୁଛି। ଧରାପଡ଼ିଥିବା ୨ ଦୁର୍ବୃତ୍ତଙ୍କ ସହ ଅନ୍ୟ କିଏ ସବୁ ରହିଛନ୍ତି ସେନେଇ ପୋଲିସ ଛାନ୍‌ଭିନ କରୁଥିବା ସେ କହିଛନ୍ତି।


ଗିରଫ ହୋଇଥିବା ୨ ଅଭିଯୁକ୍ତ।

## ମହାକାଳପଡ଼ାରେ ବିକାଶର ଧାରା ଜାରି ରହିଛି


ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଜଣେ ବ୍ୟକ୍ତିଙ୍କୁ ଭତ୍ତା କାଗଜପତ୍ର ଦେଉଛନ୍ତି।

ମାର୍ଶାଘାଇ,୨୦।୮
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଲୋକଙ୍କ ସେବା ପାଇଁ ମୁଁ ସମର୍ପିତ। ଏବେ ଏଠାରେ ବିକାଶର ଧାରା ଜାରି ରିହିଛି। ଏହି ଧାରା ଆହୁରି ଆଗକୁ ଆଗକୁ ବଢ଼ିବ। ମହାକାଳପଡ଼ା ବାସୀଙ୍କ ଭଲ ପାଇବା ଓ ଆଶ୍ରିବାଦ ପାଖରେ ମୁଁ ଚିର ଋଣୀ। ରାସ୍ତାଘାଟ, ସେତୁ ନିର୍ମାଣ, ପାନୀୟଜଳ ଯୋଗାଣ, ମହିଳା ସଶକ୍ତିକରଣଠାରୁ ଆରମ୍ଭ କରି ପ୍ରତି ଗାଁକୁ ବିକାଶ ଛୁଇଁଛି। ଏବେ ମାର୍ଶାଘାଇ ଓ ମହାକାଳପଡ଼ାକୁ ବିଭିନ୍ନ ମଠ ମନ୍ଦିର ପାଇଁ ଓ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୩୦ କୋଟି ଟଙ୍କା ଆସିଥିବା ବେଳେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଆସିଛି। ତେଣୁ ଏହି ବିକାଶର ପର୍ବରେ ସମସ୍ତେ ସାମିଲ ହେବା ପାଇଁ ସ୍ଥାନୀୟ ବିଧାୟକ ତଥା ସମବାୟ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଭତ୍ତା ବଣ୍ଟନ ମେଳାରେ ଯୋଗଦେଇ ପ୍ରକାଶ କରିଛନ୍ତି।

ରବିବାର ଅପରାହ୍ନରେ ପମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଖୁଆ-ଦକ୍ଷିଣୀ, ରାଘବପୁର ଓ ପରକୁଳା ପଞ୍ଚାୟତର ୧୯୬ ନୂଆ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ପରକୁଳା ସରପଞ୍ଚ ଦୀପ୍ତି ରଞ୍ଜନ ମହାପାତ୍ର, ସଭାପତିତ୍ୱ କରିଥିବା ବେଳେ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ବରିଷ୍ଠ ଉପସଭାପତି ଗଙ୍ଗାଧର ପରିଡା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ରାଘବପୁର ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା ଓ ସମିତିସଭ୍ୟ ରମେଶ ମହାନ୍ତି, ଆଖୁଆ ସରପଞ୍ଚ ତପନ ନାୟକ ଓ ସଭ୍ୟ ରଶ୍ମି ରଞ୍ଜନ ଦାସ, ପରକୁଳା ସଭ୍ୟ ସଞ୍ଜୟ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ପୂର୍ବତନ ସରପଞ୍ଚ ଉଷାରାଣି ଦାସ, ବେରୁହାଁ ସରପଞ୍ଚ ବାବାଜୀ ସ୍ୱାଇଁ, ଯୁବନେତା ସୂର୍ଯ୍ୟକାନ୍ତ ନାଥ, ଭାଗବତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାମପନ୍ଥୀ ନେତା ବାବାଜୀ ଚରଣ ପରିଡ଼ାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨୦।୮ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବରିଷ୍ଠ ସିପିଏମ୍ ନେତା ବାବାଜୀ ଚରଣ ପରିଡା(୮୩)ଙ୍କ ରବିବାର କଟକ ବଡ଼ ମେଡିକାଲରେ ପରଲୋକ ହୋଇଯାଇଛି। ପରିଡା ଜଣେ ମିଷ୍ଟଭାଷୀ, ସରଳ, ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସମଗ୍ର ପଟ୍ଟାମୁଣ୍ଡାଇରେ ଶୋକର ଛାୟା ଖେଳିଯାଇଛି। ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଟ୍ଟାମୁଣ୍ଡାଇ ବ୍ଲକ ନପଙ୍ଗସ୍ଥିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ସିପିଆଇଏମ ଓ ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ନପଙ୍ଗରୁ ବାହାରି ପଟ୍ଟାମୁଣ୍ଡାଇ ଅଞ୍ଚଳ ଓ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସିପିଏମ୍ ନେତା ଗୟାଧର ଧଳ, ଆଇନଜୀବୀ ଆଶିଷ ସେନାପତି, ବାମପନ୍ଥୀ ନେତା ଜଗଜ୍ଜୀବନ ଦାଶ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ, ଯୁଗାଶିଷ ମହାନ୍ତି, ସୁବାସ ସାହୁ, ଚନ୍ଦନ ପାତ୍ର, ନୃସିଂହ ପ୍ରସାଦ ଚୌଧୁରୀ, ପ୍ରମୋଦ ସାହୁ, ପ୍ରଫେସର ଦେବବ୍ରତ ପ୍ରଧାନ, କାଉସିଲର ମଳୟ ଓଝା, ସନାତନ ବିଶ୍ୱାଳ, ପ୍ରଭାତ ପ୍ରଧାନ, ବାବୁଲି ଲେଙ୍କା, ଅଜୟ ଚୌଧୁରୀ, ମୃତ୍ୟୁଞ୍ଜୟ ମଲିକ, ମିଟୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ମୃତଦେହ ନପଙ୍ଗ ଗ୍ରାମ ଶଶ୍ମାନରେ ସଂସ୍କାର କରାଯାଇଥିଲା।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆଳି,୨୦।୮(ବନମାଳୀ ସେନାପତି )

ଆଳି ବ୍ଲକ ମହୁ ପଞ୍ଚାୟତରେ ଥିବା ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତର ସରପଞ୍ଚ ମହେଶ୍ୱର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜାତୀୟ ଆୟଭିତିକ ମେଧା ବୃତ୍ତି (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷା ରେ କୃତିତ୍ୱ ଅର୍ଜନ କରିଥିବା ଦୀପାଞ୍ଜଳି ତ୍ରିପାଠୀଙ୍କୁ ମୁଖ୍ୟ ଅତିଥି ତ୍ରିପାଠୀ ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମହୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗର୍ବ ପାଲଟିଛନ୍ତି। ପ୍ରତ୍ୟେକ ଛାତ୍ରୀଛାତ୍ର ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ ନେଇ ପାଠ ପଢ଼ିଲେ ନିଶ୍ଚିତ ଭାବେ ସଫଳତା ପାଇ ପାରିବେ। ଦୀପାଞ୍ଜଳିଙ୍କ ବାପା ପ୍ରମୋଦ ଓ ମା’ ପ୍ରଭାସିନୀ ନିଜ ଝିଅର ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷକ ରତିକାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।


ଅତିଥିମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଶ୍ୱଶୁରଘର ନିକଟରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୦।୮(ମାନସ ମହାନ୍ତି)

ମୟୂରଭଞ୍ଜ ବିଶୋଇ ଥାନା ଅନ୍ତର୍ଗତ ବୁଢ଼ାମରା ଗ୍ରାମରେ ନିଜ ଶ୍ୱଶୁର ଘର ନିକଟବର୍ତ୍ତୀ ଖଡ଼ଖାଇ ନଦୀ କୂଳ ବିଲରେଥିବା ଏକ ଗଛରେ ଫାଶୀ ଲଗାଇ ଜ୍ୱାଇଁ ଶନିବାର ଆତ୍ମହତ୍ୟା କରିଛନ୍ତତି। ମୃତକ ରାଇରଙ୍ଗପୁର ଗ୍ରାମା ଅଞ୍ଚଳ ଥାନା ହାତନାଡ଼ୋ ଗ୍ରାମର ବୈଦ୍ୟନାଥ ନାରା( ୨୦)। ପୋଲିସ ପହଞ୍ଚି ମୃତଦେହ ଜବତ କରି ରବିବାର ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ ହୋଇଛି।

## ଏସ୍‌ଏନ୍ କଲେଜ ଆଲୁମ୍ନି ପକ୍ଷରୁ ଜିଲା, ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜକନିକାରେ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା,୨୦।୮
(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଆଲୁମ୍ନି କମିଟି ପକ୍ଷରୁ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ଜିଲା ଟପ୍ପର ଓ ବ୍ଲକ ଟପ୍ପର ହୋଇଥିବା ୩ ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟାପକ ଅଜୟ କୁମାର କୁଣ୍ଡଙ୍କ ସଂଯୋଜନାରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୁମ୍ନି କମିଟି ସଭାପତି ଅଜୟ କୁମାର ନାଥ, ସମ୍ପାଦକ ସଞ୍ଜୟ କୁମାର ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ସତ୍ୟରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ଅଜୟ କୁମାର ରାଉତ, ବରିଷ୍ଠ ସଭ୍ୟ ଗୋଲକ ବିହାରୀ ମଲ୍ଲିକ, ବିଜୟ କୁମାର ଭୂୟାଁ, ଭରତ ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ତୃପ୍ତି ରାଉତ, ଡ. ମିଥିଳା ଦାସ, ଅଧ୍ୟାପକ ମିର୍ଜା ଇବ୍ରାହିମ ବେଗ୍, ଅଧ୍ୟାପକ ରଞ୍ଜନ ରଥ ଓ ଅଧ୍ୟାପକ ଦେବଦାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଯୁକ୍ତ ୨ କଳାରେ ଜିଲା ଟପ୍ପର ହୋଇଥିବା ଗାୟତ୍ରୀ ପାଣିଗ୍ରାହୀ, ବାଣିଜ୍ୟରେ ଶୁଭଲକ୍ଷ୍ମୀ ନାୟକ ଓ ବିଜ୍ଞାନରେ ପ୍ରଜ୍ଞା ପାରମିତା ପଣ୍ଡାଙ୍କୁ ଅର୍ଥରାଶି, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଆଲୁମ୍ନି କମିଟିର ଅନ୍ୟ ସଦସ୍ୟ, ମହାବିଦ୍ୟାଳୟର ଅଧ୍ୟକ୍ଷା ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଳ୍ପ ବୃଷ୍ଟିପାତ: ଖରିଫ ଧାନ ଫସଲ ବାଧାପ୍ରାପ୍ତ

**ବେଦାରୀ ପଦ୍ମପୁର, ପାଟକୁରା, ଗରଦପୁର ପଞ୍ଚାୟତ**

ପାଟକୁରା, ୨୦।୮(ରବୀନ୍ଦ୍ର ନାଥ ବାରିକ )


ପାଣି ଅଭାବରୁ ଜମି ପଡ଼ିଆ ପଡ଼ିଛି।

ଗରଦପୁର ବ୍ଲକ ଅଧୀନ ବେଦାରୀ ପଦ୍ମପୁର, ପାଟକୁରା ଓ ଗରଦପୁର ୩ଟି ପଞ୍ଚାୟତ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଧାନ ଫସଲ ବାଧାପ୍ରାପ୍ତ ହୋଇଛି। ଶତାଧିକ ଏକର ଜମି ବର୍ଷା ଅଭାବରୁ ଚାଷ ହୋଇପାରୁନି। ଧାନତଳି ସବୁ ବୁଢା ହୋଇଗଲାଣି। ବେଦାରୀ ପଦ୍ମପୁର ଓ ପାଟକୁରା ଅଞ୍ଚଳରେ ମୁଖ୍ୟତଃ ଧାନରୁଆ ହୋଇ ଚାଷ ହୋଇଥାଏ। ପାଣି ଅଭାବରୁ ଜମି କାଦୁଅ ହୋଇପାରୁନି। ଫଳରେ ଧାନ ରୋଇବା ସମ୍ଭବ ହେଉନି। ତଳି କିଆରିରେ ପାଣି ନ ଥିବାରୁ ତଳିରେ ପୋକ ଲାଗିଲେଣି। ଜମି ନିକଟ ଖାଲଖମାରେ ପାଣି ନ ଥିବାରୁ ସେଗୁଡିକ ଶୁଖିଲା ପଡିଛି। ସେଥିରେ ପାଣିଥିଲେ ଚାଷୀ ପମ୍ପ ଯୋଗେ ପାଣି ଉଠାଇ କିଛି କିଛି ଚାଷ କରିପାରିଥାନ୍ତେ। ସରକାରଙ୍କ ସେଚ ପଏଣ୍ଟଗୁଡ଼ିକ ୩୦ ବର୍ଷ ହେବ ଅଚଳ ହୋଇପଡ଼ିଛି। ସେଗୁଡିକ ସଚଳ ଥିଲେ ଚାଷ ହୋଇପାରନ୍ତା। ଏପରି ଅବସ୍ଥାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି, ହେଲେ ସରକାରଙ୍କର ଏଥିପ୍ରତି ନିଘା ନାହିଁ।

# ୩ ଦିନ ହେଲା ଡିଏଚ୍‌ଏଚ୍‌ରେ ଡେଙ୍ଗୁ କିଟ୍ ନାହିଁ

ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ନିକଟସ୍ଥ ଡିମିଶରରେ ଜଣେ ଯୁବକ ଡେଙ୍ଗୁରେ ପ୍ରାଣ ହରାଇ ସାରିଲେଣି। ପୁଣି ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଗତ ଅଗଷ୍ଟ ୧ରୁ ୧୫ ତାରିଖ ମଧ୍ୟରେ ୬୦ ଜଣ ଡେଙ୍ଗୁ ପଜେଟିଭ୍ ଚିହ୍ନଟ ହୋଇଛନ୍ତି । ଏଭଳି ସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ୩ଦିନ ହେଲା ଡେଙ୍ଗୁ କିଟ୍ ମିଳୁନି। ରୋଗୀ ସରକାରୀ ଚିକିତ୍ସାଳୟରୁ ନିରାଶ ହୋଇ ଫେରୁଛନ୍ତି। ଘରୋଇ ପାଥୋଲୋଜିକୁ ପରୀକ୍ଷଣ ପାଇଁ ଯାଇ ୮୦୦ରୁ ୧ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଘରୋଇ ପାଥୋଲୋଜିରେ ଡେଙ୍ଗୁ ପରୀକ୍ଷଣ ନ କରିବାକୁ ସିଡିଏମ୍‌ଓଙ୍କର ନିର୍ଦ୍ଦେଶ ଥିଲେ ବି କେହି ମାନୁ ନାହାନ୍ତି। ଘରୋଇ ପାଥୋଲୋଜିରେ ଯେଉଁ ପରୀକ୍ଷଣ ହେଉଛି ତା'ର ରିପୋର୍ଟ ଠିକ୍ ନୁହେଁ ବୋଲି କୁହାଯାଇଛି। କେତେଜଣ ରୋଗୀଙ୍କ ପାଥୋଲୋଜି ପରୀକ୍ଷାରେ ଡେଙ୍ଗୁ ବାହାରିଥିବାବେଳେ ଭୁବନେଶ୍ୱର ଓ କଟକ ସରକାରୀ ମେଡିକାଲରେ ରିପୋର୍ଟ ଡେଙ୍ଗୁ ନାହିଁ ବୋଲି ରିପୋର୍ଟ ଆସୁଛି। ଅନ୍ୟପକ୍ଷେ ଡେଙ୍ଗୁ ପରୀକ୍ଷଣ ପାଇଁ ଉଦ୍ଦିଷ୍ଟ କକ୍ଷ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲୁଛି । କର୍ମଚାରୀ ଅଭାବ ଦେଖାଇ ୨୪ ଘଣ୍ଟିଆ ସେବା ମିଳୁନି। ପ୍ରତିଦିନ ଚିକିତ୍ସାଳୟକୁ ୪୬ରୁ ୬୦ ଜଣ ରୋଗୀ ପରୀକ୍ଷଣ ପାଇଁ ଆସୁଛନ୍ତି। ୩ ଦିନ ହେଲା ଫେରିବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିବା ଘଟଣା ନୟାଗଡ଼ ସହର ଓ ଜିଲା ବାସୀଙ୍କୁ ଚିନ୍ତାରେ ପକାଇଛି ।

### କାମରେ ଲାଗୁନି ଟିପା ମେଶିନ୍

୧୬ଟି ୱାର୍ଡକୁ ନେଇ ଗଠିତ ନୟାଗଡ଼ ମ୍ୟୁନିସିପାଲିଟି । ଏହାର ଲୋକସଂଖ୍ୟା ୩୦ ହଜାରରୁ ଉର୍ଦ୍ଧ୍ୱ । ସହରର ଅନେକ ସ୍ଥାନରେ ଡ୍ରେନ ପରିତ୍ୟକ୍ତ ହୋଇ ପଡି ରହିଛି । ଡ୍ରେନକୁ ସଫେଇ କରାଯାଉନି ।




ଉଦାହରଣ ଭାବେ ନୟାଗଡ଼-ଶରଣକୁଳ ୨୧ ନଂ. ରାଜ୍ୟ ରାଜପଥର ଲେମ୍ବୁଛକକୁ ନିଆଯାଇ ପାରେ । ଲେମ୍ବୁଛକ ନିକଟରେ ଡ୍ରେନ ଚୋକ୍ ହୋଇ ଆବର୍ଜନା ପାଣି ବାହାରି ଦୁର୍ଗନ୍ଧ ହେଉଛି । ଆବର୍ଜନା ଜଳ ଚାଲିଥିବା ସ୍ଥାନରେ ଜଳଖିଆ ଦୋକାନ

- ପରୀକ୍ଷା ପାଇଁ ରୋଗୀ ଖର୍ଚ୍ଚ କରୁଛନ୍ତି ୧ହଜାର
- ଘରୋଇ ପାଥୋଲୋଜିରେ ପରୀକ୍ଷଣ ହେଉଛି ରକ୍ତ ନମୁନା
- ସିଡିଏମ୍‌ଓଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ପାଥୋଲୋଜି ବିଭାଗ
- ୧୫ ଦିନରେ ୫୦ ପଜିଟିଭ୍ ରୋଗୀ

ରହିଛି । ବିଜୁ ମାର୍କେଟକୁ ପରିବା ମାର୍କେଟ ଦେଇ ଗଲାବେଳେ ଡ୍ରେନର ଦୁର୍ଗନ୍ଧ ହେଉଛି । ଏହାର ସଫେଇ ହେଉନି । ପୂର୍ତ୍ତ ବିଭାଗ ଡାକ ବଙ୍ଗଳାର ଅପରପାର୍ଶ୍ୱ ରୋଡରେ ଥିବା ବେସରକାରୀ ଜମିରେ ବର୍ଷ ତମାମା ଆବର୍ଜନା ପାଣ ଜମି ରହୁଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱ ହେଉକି ନୟାଗଡ଼-ଶରଣକୁଳ ଓ ନୟାଗଡ଼-ଦଶପଲ୍ଲା, ନୟାଗଡ଼-ଖଣ୍ଡପଡ଼ା ରାସ୍ତା ପାର୍ଶ୍ୱରେ କିଛି ପଙ୍କ ଦୋକାନରେ କଟା ହୋଇ ରଖାଯାଇଥିବା ଟାୟାରରେ ଡେଙ୍ଗୁ ମଶାଙ୍କ ବଂଶ ବଢୁଥିବା ଅଭିଯୋଗ ହେଉଛି । ସେହିଭଳି ଅଧିକାଂଶ ୱାର୍ଡରେ ଡ୍ରେନ ନାହିଁ । ଯେଉଁଥିପାଇଁ ଆବର୍ଜନା ଜଳ ବିଭିନ୍ନ ସ୍ଥାନରେ ଜମି ମଶାଙ୍କ ସଂଖ୍ୟା ବୃଦ୍ଧି କରୁଛି । ଅନାବନା ଘାସକୁ ସଫେଇ କରାଯାଉ ନାହିଁ । ବ୍ଲିଚିଂ ପାଉଡ଼ର ପଡ଼ିବା ସ୍ୱପ୍ନ । ଗତ ଅଗଷ୍ଟ ୧୫ରେ ବଡ଼ ବଡିଆ ନେତାଙ୍କ କାର୍ଯ୍ୟକ୍ରମରେ ବ୍ଲିଚିଂ ପକାଯାଇ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରାଯାଉଛି । ଏଣୁ ମଶାଙ୍କ ଏନ୍ତୁଡିଶାଳ ନୟାଗଡ଼ ସହର ପାଲଟିଛି । ଏଭଳିସ୍ଥଳେ ଟିପା ମେଶିନରେ ଧୂଆଁ ଆଦୌ ଦିଆଯାଉ ନ ଥିଲା । ଅଗଷ୍ଟ ୧ରେ ଧରିତ୍ରୀରେ ଖବର ପ୍ରକାଶନ ପରେ ସହରର ହାତଗଣତି ସ୍ଥାନରେ ଟିପା ମେଶିନରେ ଧୂଆଁ ଦିଆଯାଇଛି । ଏନେଇ ସିଡିଏମ୍‌ଓ ରମାକାନ୍ତ ପଣ୍ଡା ଡିଏଚ୍‌ଏଚରେ ଡେଙ୍ଗୁ କିଟ୍ ମିଳିବା ଘଟଣାକୁ ସ୍ୱୀକାର କରିଛନ୍ତି । ସୋମବାର ଡେଙ୍ଗୁ କିଟ୍ ଆସିବ ବୋଲି କହିଛନ୍ତି ।

# ସାପ କାମୁଡ଼ାରେ ମହିଳା ମୃତ

ଭାପୁର,୨୦।୮(ଭରତ କୁମାର ବେହେରା)

ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବୋଲଗଡ଼ ଥାନା ଅନ୍ତର୍ଗତ ସାଗରଗାଁ ଗ୍ରାମର ଅଚ୍ୟୁତାନନ୍ଦ ଦତ୍ତଙ୍କ ସ୍ତ୍ରୀ କୁମୁଦିନୀ (୨୮) ନିଜ ବାଡ଼ିରେ କିଛି ପନିପରିବା ଚାଷ କରିଛନ୍ତି। ଶନିବାର ଅପରାହ୍ନରେ ସେ ବାଡ଼ିକୁ ଯାଇଥିଲେ। ଘାସରେ ଥିବା ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। କୁମୁଦିନୀ ଭାବିଲେ ଗୋଡ଼ରେ ଏକ କାଠି ଫୋଡି ହୋଇଛି । ହେଲେ କିଛି ସମୟ ପରେ ଗୋଡ଼ ହାତ ଥରିବାକୁ ଲାଗିଲା ଓ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଙ୍କ କଥାକୁ ବିଶ୍ୱାସ ନ କରି ଗୁଣିଆ ଡାକି ଝଡାଫୁଙ୍କା କରିବାକୁ କହିବାରୁ ଡାକ୍ତର ଫତେଗଡ଼ ଥାନାକୁ ଜଣାଇଥିଲେ। ଫତେଗଡ ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୁମୁଦିନୀଙ୍କ ୩ ବର୍ଷର ଏକ ଶିଶୁପୁତ୍ର ଅଛି ।

# ୩୦ ୟୁନିଟ ରକ୍ତ ସଂଗ୍ରହ



ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ରୋଟାରୀ କ୍ଲବ ଏବଂ ଛତ୍ରପତି ଶିବାଜୀ କ୍ଲବ ସୋଲପଟାର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ରବିବାର ସୋଲପଟାସ୍ଥିତ କମ୍ୟୁନିଟି ଗୃହରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଉକ୍ତ ଶିବିରକୁ ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ତଥା ନୟାଗଡ଼ର ପୂର୍ବତନ ନଗରପାଳ ସୁବୋଧ ଚନ୍ଦ୍ର ପଟ୍ଟନାୟକ ଓ ସୋଲପଟା ଗ୍ରାମର ସଭାପତି ସନ୍ତୋଷ ନାୟକ ଉଦ୍‌ଘାଟନ କରିଥିଲେ। ଡାକ୍ତର ନରେଶ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ରକ୍ତ ଭଣ୍ଡାରର କର୍ମଚାରୀ ଅଜୟ ପଟ୍ଟନାୟକ, ପ୍ରକାଶ କୁମାର ପାଣିଗ୍ରାହୀ, ରବୀନ୍ଦ୍ରନାଥ ସାହୁ ଓ ମାନସ କୁମାର ବେହେରା ରକ୍ତ ସଂଗ୍ରହ ଓ ପଞ୍ଜିକରଣରେ ସହାୟତା କରିଥିଲେ। ରୋଟାରୀ କ୍ଲବର ସଦସ୍ୟ ଧିରେନ୍ଦ୍ର ପଟ୍ଟନାୟକ, ପ୍ରସନ୍ନ ବସନ୍ତିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀ ନାରାୟଣ ରଥ, ଅବିନାଶ ସାହୁ ଓ ଛତ୍ରପତି ଶିବାଜୀ କ୍ଲବ ତରଫରୁ ଦୀପକ କୁମାର ନାୟକ, ପୁଷ୍ପ ରଞ୍ଜନ ଜେନା, ପିଣ୍ଟୁ ପ୍ରଧାନ, କପିଳାସ ନାୟକ, ପ୍ରଦୀପ ବରାଡ ଓ ବାଉରିବନ୍ଧୁ ବେହେରା ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ହଷ୍ଟେଲ ଛାତ୍ର ଗୁରୁତର
**୧୧ ପାରାସିଟାମଲ ବଟିକା ଖାଇଥିଲେ**

ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ହାଇସ୍କୁଲ ହଷ୍ଟେଲରେ ଜଣେ ଛାତ୍ର ଦୋକାନରୁ ୧୧ଟି ପାରାସିଟାମଲ ବଟିକା କିଣି ଖାଇ ଅସୁସ୍ଥ ହୋଇଛନ୍ତି । ଅସୁସ୍ଥ ଛାତ୍ରଙ୍କ ହେଲେ କନ୍ଧମାଳ ଜିଲା ବାଲିଗୁଡା ଥାନା ଡାକା ଗାଁର କପିଳାସ ମଲ୍ଲିକ । କପିଳାସ ଅସୁସ୍ଥ ପରେ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରଶ୍ନ ଉଠୁଛି ଛାତ୍ର ଜଣକ କେଉଁ ପରିସ୍ଥିତିରେ, କାହିଁକି ଏତେ ପରିମାଣର ପାରାସିଟାମଲ ବଟିକା ଖାଇଲେ। ତାଙ୍କୁ ବାହାରକୁ ଯିବାକୁ କିଏ ଅନୁମତି ଦେଇଥିଲେ । ଏ ସବୁ କଥା ସନ୍ଦେହ ଘେରରେ ରହିଛି ।

### ପୂର୍ବତନ ଚେୟାରମ୍ୟାନ୍‌ଙ୍କ ପରଲୋକ

ଦଶପଲ୍ଲା,୨୦।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ପୂର୍ବତନ ଚେୟାରମ୍ୟାନ୍ ମଦନ ମୋହନ ସାହୁଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ଦଶପଲ୍ଲା ବ୍ଲକର ଚେୟାରମ୍ୟାନ୍ ଥିଲେ। ଏଥିସହ ସେ ୨ ଥର ଭୋଗାଡି ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।

### ସର୍ଜରି ୱାର୍ଡରେ ପାଣି ନାହିଁ
**ଶୌଚାଳୟ ଦୁର୍ଗନ୍ଧରେ ଫାଟି ପଡୁଛି**

ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ପାଣି ଆସୁନି । ରୋଗୀ ଓ ସମ୍ପର୍କୀୟମାନେ ଶୌଚାଳୟକୁ ଯାଇ ପାଣି ନ ଢ଼ାଳି ଚାଲି ଆସୁଛନ୍ତି । କିଛି ରୋଗୀ ନଳକୂପରୁ ପାଣି ଆଣି ଢ଼ାଳୁଥିଲେ ମଧ୍ୟ ତାହା କାମରେ ଲାଗୁନି । ଏଣୁ ଶୌଚାଳୟ ଦୁର୍ଗନ୍ଧରେ ସର୍ଜରୀ ୱାର୍ଡ ଫାଟି ପଡୁଛି। ରାତି ୧୧ ସୁଦ୍ଧା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

# ୫ ଦଶମ ଶ୍ରେଣୀ ଛାତ୍ରୀଙ୍କ ଫଟୋ ଭାଇରାଲ

**ମୁହଁ ଅସଲି, ଅନ୍ୟ କାହାର ଉଲଗ୍ନ ଫଟୋଏଡିଟିଂ କରାଯାଇଛି**
**୨ ସହପାଠୀ ଛାତ୍ର ଅଟକ, ଚାପି ଦେବାକୁ ଉଦ୍ୟମ କରିଥିଲେ ପ୍ରଧାନଶିକ୍ଷକ**

ନୟାଗଡ଼,୨୦।୮(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନାର ବାଲୁଗାଁ ଅଞ୍ଚଳର ଏକ ହାଇସ୍କୁଲରେ ୫ ଜଣ ଦଶମ ଶ୍ରେଣୀ ଛାତ୍ରୀଙ୍କ ଫଟୋକୁ ମୁହଁ ଅସଲି ରଖି ଶରୀରକୁ ଉଲଗ୍ନ କରି ଭାଇରାଲ କରାଯାଇଛି । ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଏହା ଘୁରି ବୁଲୁଥିଲା। ମୋବାଇଲ ଆପ୍‌ରେ ଫଟୋ ଏଡିଟିଂ କରାଯାଇ ଏପରି ଭାଇରାଲ ହୋଇଛି। ଏହି ଘଟଣାରେ ନୟାଗଡ଼ ସଦର ଥାନାରେ ଅଭିଯୋଗ ପରେ ପୋଲିସ ୨ ଦଶମ ଶ୍ରେଣୀ ଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ୨ଜଣ ଛାତ୍ର ଏହାକୁ ଏଡିଟିଂ କରିଥିବାବେଳେ ଅନ୍ୟ ୫ଜଣ ଜାଣି ବି ଚୁପ ରହିଥିଲେ। ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ଘଟଣା ସମ୍ପର୍କରେ କିଛି ନ କହି ଏଡାଇ ଯାଇଥିଲେ। ଘଟଣାକୁ ଚାପି ଦେବାକୁ ପ୍ରୟାସ କରୁଥିବା ପ୍ରଧାନଶିକ୍ଷକଙ୍କୁ ସସ୍‌ପେଣ୍ଡ କରିବା ପାଇଁ ଦାବି ହେଉଛି। ସେହିପରି ଘଟଣା ପ୍ରଘଟ ପରେ ଛାତ୍ର ଜଣକ ଜଣେ ଭାଜପା ନେତାଙ୍କ ଘରେ ଲୁଚି ରହିଥିଲେ । ଭାଜପା ନେତା ଘଟଣାକୁ ଚାପି ଦେବାକୁ ଜୋରଦାର ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି ।

ଏନେଇ ଜଣେ ଅଭିଭାବକ କୁହନ୍ତି, ହାଇସ୍କୁଲରେ ଚାରା ରୋପଣଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ହୁଏ । ମୋ ଝିଅ ପରି ଅନ୍ୟ ଛାତ୍ରୀମାନେ ସେହିସବୁ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ହେଲେ ସେମାନଙ୍କ ଫଟୋକୁ ମୋବାଇଲ ଆପ୍‌ରେ ଅଶ୍ଳୀଳ କରି ଛଡା ଯିବା କଥାକୁ ଆମେ କେମିତି ଜାଣିବୁ । ମୋ ଝିଅ ପରି ୫ ଜଣ ଝିଅଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଇଛି । କାହିଁକି ମୋ ଝିଅ ପରି ଅନ୍ୟ ଝିଅଙ୍କ ଫଟୋ ଭାଇରାଲ ହେଲା ଜାଣି ପାରୁନି । ଝିଅର ମୁହଁ ଫଟୋ ଅସଲି ଥିବାବେଳେ ଅନ୍ୟ କାହାର ଉଲଗ୍ନ ଫଟୋକୁ ସଂଯୋଗ କରାଯାଇଛି। ୧୫ ଦିନ ତଳୁ ଏହି ଘଟଣା ଘଟିଲାଣି। ହେଲେ ପ୍ରଧାନ ଶିକ୍ଷକ ଘଟଣାକୁ ଚାପି ଦେବାକୁ ବ୍ୟସ୍ତ । ବାରମ୍ବାର ଅଭିଯୋଗ ପରେ ପ୍ରଧାନଶିକ୍ଷକ ମୋତେ ଡକାଇ ଥିଲେ। ଯେଉଁ ପିଲାମାନେ ଏଭଳି କାଣ୍ଡ ଘଟାଇଛନ୍ତି ସେମାନଙ୍କ ଅଭିଭାବକଙ୍କୁ ଡାକିଥିଲେ। ଘଟଣା ଚାପି ଦେବାକୁ ମୋ ଉପରେ ଚାପ ପକାଇଲେ । ମୁଁ ରାଜି ନ ହେବାରୁ ବ୍ୟବହାର ଖରାପ କଲେ । ଅନ୍ୟ ଜଣେ ମହିଳା କହିଛନ୍ତି, ନ୍ୟାୟ ନ ପାଇବାରୁ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଛି । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାରେ ୨ଜଣ ଅଟକ ଅଛନ୍ତି। ଯେଉଁମାନେ ଏଥିରେ ସଂଶ୍ଲିଷ୍ଟ ସେମାନେ ପୋଲିସ ହେପାଜତରେ ଅଛନ୍ତି। ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ କୁହନ୍ତି, ଘଟଣା ଘଟିଛି। ତେବେ ଏହି ଘଟଣା ସମ୍ବେଦନଶୀଳ ହୋଇଥିବାରୁ କିଛି କହି ହେବନି । ପୋଲିସର ତଦନ୍ତ ଜାରି ରହିଛି ।

# ଗଦାପୁରଠାରେ ମହାକୁମ୍ଭ ମହାମିଳନ



ବୋଲବମ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରାଯାଉଛି।

ଦାରିଙ୍ଗବାଡି /ବ୍ରାହ୍ମଣୀଗାଁ,୨୦/୮
(ଅରୁଣ ସାହୁ/ମନୋରଞ୍ଜନ ରଣା )

ଦାରିଙ୍ଗବାଡି ବ୍ରାହ୍ମଣୀଗାଁ ଥାନା ଗଦାପୁରଠାରେ ରବିବାର ମହାକୁମ୍ଭ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦୂର କୋରାପୁଟ ସମେତ ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲାର ଶତାଧିକ ବୋଲବମ ସଙ୍ଘର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ସମସ୍ତ ବୋଲବମ ଶ୍ରଦ୍ଧାଳୁଙ୍କୁ ଗଦାପୁରର ଶତାଧିକ ମହିଳା, ପୁରୁଷ ଗାଁ ମୁଣ୍ଡରେ କୀର୍ତ୍ତନ କରି ସେମାନଙ୍କ ଗୋଡ଼ ଧୋଇଦେବା ସହ ସିନ୍ଦୁର, ଚନ୍ଦନ, ଫୁଲ ଦେଇ ଶିବମନ୍ଦିର ପ୍ରାଙ୍ଗଣରେ ହେଉଥିବା କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ସେଠାରେ ଚମ୍ପା ନଦୀ ପଠାରେ ହୋମଯଜ୍ଞ, ପୂଜାର୍ଚ୍ଚନା କରାଯାଇଥିଲା। ନଦୀରୁ ବାଲି ଉଠାଯାଇ ଶିବଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଚମ୍ପନଦୀରୁ ଜଳ ଉଠାଯାଇ ଶ୍ରଦ୍ଧାଳୁ ଜଳ ଢ଼ାଳିବା ପାଇଁ ଅଡବାକୁ ବାହାରିଥିଲେ। ଗଜପତି ଜିଲା ପାଣିଗଣ୍ଡା ପଞ୍ଚାୟତରେ ରାତ୍ରିଯାପନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସୋମବାର ଅଡବା ଶ୍ରୀ କାଶୀ ବିଶ୍ୱନାଥଙ୍କ ଦକ୍ଷିଣ କଣ୍ଢେ ଜଳାଭିଷେକ କାର୍ଯ୍ୟକ୍ରମ ରହିଥିବା ବୋଲବମ ମହାସଙ୍ଘର ସମ୍ପାଦକ କୁନା ପାତ୍ର, ସଭାପତି ଜନରଞ୍ଜନ ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ନାନା ଭାଇ କହିଛନ୍ତି। ରାଜ୍ୟରେ ଏଭଳି ୧୪ତମ କାର୍ଯ୍ୟକ୍ରମ ଗଦାପୁରରେ ପାଳନ କରାଯାଉଥିବା ବେଳେ ଏହା ଜିଲାରେ ପ୍ରଥମ ମହାକୁମ୍ଭ ମହାମିଳନ ବୋଲି ମହାସଙ୍ଘ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଗଦାପୁର ନୀଳକଣ୍ଠେଶର ବୋଲବମ ସଂଘ ଏବଂ ଅଡବା ଶ୍ରୀ କାଶୀ ବିଶ୍ୱନାଥ ବୋଲବମ ସଙ୍ଘ ପରିଚାଳନା କରୁଥିବା ବେଳେ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ସଦଳବଳ ପାଟ୍ରୋଲିଂକୁ ଜୋରଦାର କରିଛନ୍ତି।

# ହେଲିପ୍ୟାଡ, ସଭାସ୍ଥଳ ସ୍ଥିତି ସମୀକ୍ଷା କଲେ ଜିଲାପାଳ



ଜିଲାପାଳ ଭଞ୍ଜନଗର କଲେଜ ପଡ଼ିଆରେ ସ୍ଥିତି ସମୀକ୍ଷା କରୁଛନ୍ତି ।

ଭଞ୍ଜନଗର,୨୦।୮(ବାବୁଲା ପ୍ରଧାନ)

- ୫-ଟି ସଚିବଙ୍କ ୩ ଦିନିଆ ଗଞ୍ଜାମ ଗସ୍ତ
- ସଭାକୁ ପାଣି ବୋତଲ ମନା
- ଲୋକ ପ୍ରତିନିଧି ଓ ଏସ୍‌ଏଚଜି ମହିଳା ଭେଟିବେ

ଆସନ୍ତା ୨୫ ତାରିଖରୁ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ୨୬ରେ ସଚିବ ଭଞ୍ଜନଗର ଗସ୍ତରେ ଆସିବେ। ତେଣୁ ୫-ଟି ସଚିବଙ୍କ ଗସ୍ତ କିଭଳି ଶାନ୍ତି ଶୃଙ୍ଖଳାର ସହ ସଫଳ ହେବ ସେଥିପାଇଁ ଜିଲା ପ୍ରଶାସନ ଏବଂ ଶାସକଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ପରିସ୍ଥିତିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରବିବାର ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ୫-ଟି ସଚିବଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଭଞ୍ଜନଗର କେଏସ୍‌ୟୁବି କଲେଜ ପଡ଼ିଆ ପରିଦର୍ଶନ କରିବା ସହ ସଚିବଙ୍କ ସୁରକ୍ଷା ବ୍ୟବସ୍ଥା, କଲେଜ ପଡ଼ିଆରେ ହେବାକୁ ଥିବା ସଭାସ୍ଥଳ, ହେଲିପ୍ୟାଡ଼ ବୁଲି ଦେଖିଥିଲେ। ଏହି ସମୟରେ ସଚିବଙ୍କ ଗସ୍ତ ସମୟରେ ଯେଭଳି ସୁରକ୍ଷା ବ୍ୟବସ୍ଥା ଢ଼ିଲା ନହେବ ସେଥିପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସଭାସ୍ଥଳ ସମ୍ମୁଖ ଭାଗର ୫୦ମିଟର ପର୍ଯ୍ୟନ୍ତ ସ୍ଥାନରେ ରହୁଥିବା ଲୋକଙ୍କୁ ପାଣି ବୋତଲ ବ୍ୟବହାର ଉପରେ ବାରଣ କରାଯିବ। ସଭାକୁ ଆସୁଥିବା ଲୋକଙ୍କୁ ମେଟାଲ ଡ଼ିଟେକ୍ଟର ସହାୟତାରେ ଯାଞ୍ଚ କରାଯିବ। ହେଲିପ୍ୟାଡ଼ରୁ ୩୦ ମିଟର ଦୂରରେ ହୋଇଥିବା ସଭାସ୍ଥଳକୁ ସଚିବ କାର ଯୋଗେ ଯିବେ । ଏହି ସମୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ବଛାବଛା ଲୋକ ପ୍ରତିନିଧି ସଚିବଙ୍କୁ ସ୍ୱାଗତ କରିବେ। ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଯେଭଳି ସମ୍ମୁଖ ଭାଗକୁ ନଆସିପାରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉପରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କିର୍ତ୍ତିଭାସନ, ବିଡ଼ିଓ ଶଶିଭୁଷଣ ମହାପାତ୍ର, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ଏସ୍‌ଡିପିଓ ବିଶ୍ୱାମିତ୍ର ହରପଲ, ଥାନା ଅଧିକାରୀ ଧୀରେଶ ଦାସ ସମେତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଭଣ୍ଡାର ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା,୨୦।୮(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଅଧୀନ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳବାସୀଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଲକ୍ଷ୍ୟ ନେଇ ୧୯୨୭ରୁ କାର୍ଯ୍ୟକରି ଆସୁଛି। ଦୀର୍ଘ ୯୬ ବର୍ଷ ଧରି ସେବା ଯୋଗାଇ ଆସୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସମୟାନୁକ୍ରମେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ତେବେ ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି । ରୋଗୀ କଲ୍ୟାଣ ସମିତି ବୈଠକରେ ବାରମ୍ବାର ଏ ସମ୍ପର୍କରେ ଆଲୋଚନା ହୋଇଥିଲେ ହେଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଉଚ୍ଚ କର୍ତ୍ତୃପକ୍ଷ କେହି ହେଲେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ବିଭିନ୍ନ ସମୟରେ ଖଣ୍ଡପଡ଼ା ଅଞ୍ଚଳରେ ଆୟୋଜିତ ରକ୍ତଦାନ ଶିବିରରେ ନୟାଗଡ଼ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ଶତାଧିକ ୟୁନିଟ୍ ରକ୍ତ ସଂଗ୍ରହ କରୁଛନ୍ତି। ହେଲେ ଜରୁରୀକାଳୀନ ପରିସ୍ଥିତିରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ଆବଶ୍ୟକ ରକ୍ତ ପାଇଁ ହଇରାଣ ହେବାକୁ ପଡୁଛି । ଜନସାଧାରଣଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଭଣ୍ଡାର ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ନୟାଗଡ଼ ଜିଲାପାଳ, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି ।

# ଜବରଦଖଲ କରି ଆବାସ ଗୃହ ନିର୍ମାଣ ଅଭିଯୋଗ

ଖଣ୍ଡପଡ଼ା,୨୦।୮(ଅଜୟ କୁମାର ମହାରଣା)

ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ବେଳେ ଅନଅଧିକାର ଭାବେ ଅନ୍ୟ ଜଣଙ୍କ ଜାଗା ଦଖଲ କରି ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ନେଇ ଖଣ୍ଡପଡ଼ା ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ପୁନଶ୍ଚ ଉକ୍ତ ଆବାସ ଗୃହ ନିର୍ମାଣକୁ ନେଇ ବିବାଦ ଦେଖା ଦେବା ପରେ ଖଣ୍ଡପଡ଼ା ଥାନାରେ ମାମଲା ପହଞ୍ଚିଛି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ମଝିସାହି ପାଟଣା ଗ୍ରାମର ସ୍ୱର୍ଗତ ରାଜ କିଶୋର ସାହୁଙ୍କ ୫ପୁଅଙ୍କ ନାମରେ ଜାଗା ବଣ୍ଟନ ହୋଇଥିଲା। ୫ପୁଅଙ୍କ ମଧ୍ୟରୁ ନାରାୟଣ ସାହୁ, ଚିତ୍ତରଞ୍ଜନ ସାହୁ, ମନୋରଞ୍ଜନ ସାହୁ ୩ ଭାଇ ତାଙ୍କ ଭାଗରେ ପଡ଼ିଥିବା ଜାଗାକୁ ୭୫ ହଜାର ଟଙ୍କା ବିନିମୟରେ ନିରଞ୍ଜନ ସାହୁଙ୍କୁ ବିକ୍ରୀ କରି ଦେଇଥିଲେ। ଅନ୍ୟ ଜଣେ ଭାଇ ଶ୍ରୀଚରଣ ସାହୁଙ୍କ ସ୍ତ୍ରୀ ବୃନ୍ଦାବତୀ ସାହୁ, ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇବା ପରେ ତାଙ୍କ ଜାଗା ସହ ପାର୍ଶ୍ୱରେ ଥିବା ନିରଞ୍ଜନ ସାହୁଙ୍କ ଜାଗାକୁ ମଡ଼ାଇ ବେଆଇନ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ନେଇ ନିରଞ୍ଜନଙ୍କ ପରିବାର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଡ଼ିଓ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗ ପାଇ ସେ ପିଇଓଙ୍କୁ ସଂପୃକ୍ତ ସ୍ଥାନକୁ ସ୍ଥିତି ଅନୁଧାନ ପାଇ ପଠାଇଥିଲେ। ଗୃହ ନିର୍ମାଣ ପାଇଁ ବିଧି ବ୍ୟବସ୍ଥା କ୍ରମେ ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବା ବିଡିଓ ସାହୁ ସୂଚନା ଦେଇଥିବା ବେଳେ ପିଇଓଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ଠାରୁ ନ୍ୟାୟ ନ ମିଳିଲେ ଅଭିଯୋଗକାରୀ ବାଧ୍ୟ ହୋଇ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଦଳ ଅପେକ୍ଷା ପ୍ରାର୍ଥୀ ପ୍ରଥମ ପସନ୍ଦ

**ମୋହନା ନିର୍ବାଚନମଣ୍ଡଳୀ**

ପାରଳାଖେମୁଣ୍ଡି,୨୦।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀ ପୂର୍ବରୁ ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଥିଲା। ସେତେବେଳେ ଏହି ଆସନରୁ ପ୍ରତିନିଧିତ୍ୱ କରି ଆସୁଥିଲେ ବିଜେଡିର ପୁରୁଖା ନେତା ସୂର୍ଯ୍ୟନାରାୟଣ ପାତ୍ର। ୨୦୦୯ରେ ସୀମା ନିର୍ଦ୍ଧାରଣ ପରେ ଗଜପତି ଜିଲାର ମୋହନା, ଆର.ଉଦୟଗିରି, ନୂଆଗଡ, ରାୟଗଡ଼ ବ୍ଲକକୁ ନେଇ ମୋହନା ନିର୍ବାଚନ ମଣ୍ଡଳୀ ଗଠନ ହେଲା। ତେବେ ଏହି ନିର୍ବାଚନ ମଣ୍ଡଳୀରେ ଲୋକେ ଦଳ ଅପେକ୍ଷା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଇଆସୁଛନ୍ତି। ୨୦୦୯ ନିର୍ବାଚନରେ କଂଗ୍ରେସର ଚକ୍ରଧର ପାଇକ ୩୭,୬୯୭, ଭାଜପାର ଅନ୍ତର୍ଯ୍ୟାମୀ ଗମାଙ୍ଗ ୩୬,୭୯୦ ଓ ବିଜେଡିର ଜନ ଦଳବେହେରା ୨୦,୨୦୬ ଖଣ୍ଡ ଭୋଟ ପାଇଥିଲେ। ରାଜନୀତିରେ ନୂତନ ଭାବେ ପାଦ ରଖିଥିବା ଚକ୍ରଧର ପାଇକ ପୁରୁଖା ନେତାଙ୍କୁ ପଛରେ ପକାଇ ନିର୍ବାଚନୀ ବିଜୟ ଲାଭ କରିଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡ଼ିର ବାସନ୍ତୀ ମଲ୍ଲିକ ୪୩,୦୦୬, କଂଗ୍ରେସର ଦାଶରଥି ଗମାଙ୍ଗ ୪୨,୮୯୨ ଓ ଭାଜପାର ଭରତ ପାଇକ ୩୯,୬୨୫ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ହାତରେ ଥିବା ଏହି ଆସନଟିକୁ ବିଜେଡିର ବାସନ୍ତୀ ମଲ୍ଲିକ ଛଡ଼ାଇ ନେଇଥିଲେ। ସେହିପରି ୨୦୧୯ ନିର୍ବାଚନରେ କଂଗ୍ରେସର ଦାଶରଥି ଗମାଙ୍ଗ ୫୩, ୭୦୫ ଭୋଟ ପାଇଥିଲା ବେଳେ ବିଜେଡିର ପୂର୍ଣ୍ଣବାସୀ ନାୟକ ୫୧,୩୫୧ ଓ ଭାଜପାର ପ୍ରଶାନ୍ତ ମଲ୍ଲିକ ୪୬, ୧୭୬ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କଂଗ୍ରେସ ପୁଣି ବିଜେଡିଠାରୁ ଏହି ଆସନଟିକୁ ଛଡ଼ାଇ ଆଣିଥିଲା। କଂଗ୍ରେସର ଦାଶରଥି ଗମାଙ୍ଗ ବିଜୟ ହୋଇଥିଲେ। କ୍ରମାଗତ ଏହିପରି ନିର୍ବାଚନକୁ ଲକ୍ଷ୍ୟକଲେ ଲୋକେ ଦଳ ଅପେକ୍ଷା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଇ ନିର୍ବାଚନୀ ବୈତରଣୀ ପାର କରାଇଛନ୍ତି। ଲୋକଙ୍କ ସୁଖଦୁଃଖରେ କିଏ ଭାଗିଦାର ହେଉଛି ଏବଂ କିଏ ପ୍ରକୃତରେ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝୁଛି ତାହାକୁ ନଜରରେ ରଖି ନିର୍ବାଚନ ମଣ୍ଡଳୀବାସୀ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଉଛନ୍ତି। ତେଣୁ ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସର ଜିଲା ସଭାପତି ତଥା ବର୍ତ୍ତମାନର ମୋହନା ବିଧାୟକ ଦାଶରଥି ଗମାଙ୍ଗ ରହିଥିବା ବେଳେ ଏକଦା ଦାଶରଥିଙ୍କ ନିକଟତର ରହିଥିବା ଜଗବନ୍ଧୁ ଦାଶ ବର୍ତ୍ତମାନର ବିଜେଡି ଜିଲା ସଭାପତି।ଯଦି ବିଗତ ୩ଟି ନିର୍ବାଚନକୁ ଦେଖାଯାଏ ତେବେ ୨୦୦୯ ଠାରୁ ୨୦୧୯ ପର୍ଯ୍ୟନ୍ତ ମୋହନା ବିଧାନସଭା ଆସନରେ ୨ ଥର କଂଗ୍ରେସ ବିଜୟ ଲାଭ କରିଥିବା ବେଳେ ମାତ୍ର ଥରେ ବିଜେଡି ବିଜୟ ଲାଭ କରିଛି।

## ସଂକ୍ଷେପରେ

### କାରଖାନାରୁ ଚୋରି ଉଦ୍ୟମ: ୫ ଗିରଫ

କଳିଙ୍ଗନଗର,୨୦।୮(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲ କାରଖାନାରୁ ଶନିବାର ରାତିରେ ଫେରୋକ୍ରମ ଲୁଟ୍ ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗର ୫ଜଣଙ୍କୁ ସୁରକ୍ଷା କର୍ମୀମାନେ କାବୁକରି ଜଖପୁରା ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ପାଟନାର ବିନୋଦ କୁମାର(୨୬), ବିନୋଦ କୁମାର (୨୪), ମନିସ କୁମାର(୨୫), ସୁରଜ କୁମାର(୨୩) ଓ ଅନିଲ କୁମାର(୨୪)। ଅପରପକ୍ଷେ ଏହି ଚୋରା କାରବାରରେ ବ୍ୟବହୃତ ଦୁଇ ଟ୍ରକ୍ ନମ୍ବର (ବିଆର୍-୧-ଜିଇ-୯୬୨୦ ଓ ବିଆର୍-୦୧-ଜିଜି-୯୭୮୦)କୁ ପୋଲିସ ଜବତ କରିଛି। ଉକ୍ତ ଗାଡ଼ି ୨ଟି କଟକର ପ୍ରକାଶ ଟ୍ରାନ୍ସପୋର୍ଟ ଜରିଆରେ ଆସି କାରଖାନାରୁ ଫେରୋକ୍ରମ ଲୋଡ କରି ବାହାରକୁ ଯାଆନ୍ତି। ଘଟଣାଦିନ କାରଖାନା ପରିସରରେ ଗାଡ଼ି ଦୁଇଟି ପଶିବା ପରେ ଅଭିଯୁକ୍ତମାନେ ଭିତରେ ଥିବା କିଛି ଲୁହା ସାମଗ୍ରୀ ଓ ପାଣିକୁ ଗାଡ଼ିରେ ଭର୍ତ୍ତି କରି କଣ୍ଟା କରିଥିଲେ। ଏହାକୁ ଅନଲୋଡ କରିବା ସମୟରେ ସୁରକ୍ଷାକର୍ମୀଙ୍କ ହାତରେ ଧରା ପଡ଼ି ଯାଇଥିଲେ। ସୁରକ୍ଷା କର୍ମୀଙ୍କ ସନ୍ଦେହ ହେବାରୁ ସେମାନେ ଯଖପୁରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୯୦/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଫାୟାର ଷ୍ଟେଶନ ବାଇପାସ ଗୋଲେଇ ଛକ ମରଣଯନ୍ତା

- ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଦାବି
- ୨ ବର୍ଷରେ ୩ଜଣଙ୍କ ମୃତ୍ୟୁ, ୨୦ରୁ ଊର୍ଦ୍ଧ୍ୱ ଆହତ

ଯାଜପୁରରୋଡ୍,୨୦।୮(ପବିତ୍ର ରଞ୍ଜନ ମହାନ୍ତି)

ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟ ଅଭାବ ଯୋଗୁ ଫାୟାର ଷ୍ଟେଶନ ଗୋଲେଇ ଛକ ମରଣଯନ୍ତା ପାଲଟିଛି। ୨ ବର୍ଷ ପୂର୍ବରୁ ୨୧୫ ଜାତୀୟ ରାଜପଥର ନାମ ପରିବର୍ତ୍ତନ କରାଯାଇ ଏହାକୁ ୨୦ନଂ. ଜାତୀୟ ରାଜପଥ ନାମକରଣ କରାଯାଇଛି। ଏହି ରାଜପଥଟି ୧୬ନଂ. ଜାତୀୟ ରାଜପଥର ପାଣିକୋଇଲିଠାରୁ ରଜାମୁଣ୍ଡା ପର୍ଯ୍ୟନ୍ତ ଏକ ଠିକା ସଂସ୍ଥା ଦ୍ୱାରା ସମ୍ପ୍ରସାରଣ କରାଯାଇଥିଲା। ହେଲେ ଏହି ଜାତୀୟ ରାଜପଥ ଦେଇ ଯାଜପୁରରୋଡ୍ ସହରକୁ ସଂଯୋଗ କରୁଥିବା ୨ ପ୍ରବେଶ ଦ୍ୱାର ବେଣାପୁର ଓ ଫାୟାର ଷ୍ଟେଶନ ଗୋଲେଇ ଛକ ନକ୍ସାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହି ତ୍ରୁଟି ଯୋଗୁ ଉଭୟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ ହାନି ଘଟୁଛି। ସାମାଜିକ ସଂଗଠନଗୁଡ଼ିକ ଦ୍ୱାରା ବାରମ୍ବାର ଆନ୍ଦୋଳନ ପରେ ବେଣାପୁର ଛକଠାରେ ଏକ ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଫାୟାର ଷ୍ଟେଶନ



ଫାୟାର ଷ୍ଟେଶନ ଗୋଲେଇ ଛକ।

ବାଇପାସ ଛକଟି ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ।

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ବିଜୁ ପଟ୍ଟନାୟକ ମାର୍ଗ, ଯାଜପୁରରୋଡ୍, କେନ୍ଦୁଝର ତଥା ପାଣିକୋଇଲି ସହ କୋରେଇ ବ୍ଲକ ଆଦି ୫ଟି ରାସ୍ତାର ସଂଯୋଗସ୍ଥଳକୁ ନେଇ ଛକଟି ସବୁବେଳେ ଚଳଚଞ୍ଚଳ। ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ବହୁ ସମୟରେ ଏଠାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ୨ ବର୍ଷ ମଧ୍ୟରେ ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବେପରୁଆ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି। ଦୈନିକ ସୁକିନ୍ଦା ଖଣି ଅଞ୍ଚଳ, କଳିଙ୍ଗନଗର ଶିଳ୍ପାଞ୍ଚଳ, କେନ୍ଦୁଝର ଖଣି ଅଞ୍ଚଳ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହଜାରହଜାର ଭାରିଯାନ ଏହି ଛକ ଦେଇ ଚଳାଚଳ କରିଥାନ୍ତି। ବସ୍ ଯାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ଯିବାଆସିବା ପାଇଁ ଏହି ଛକ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତତ୍‌ସହିତ ବହୁ ଛୋଟ ଗାଡ଼ି, ବାଇକ୍ ଓ ସାଇକେଲ ଆରୋହୀ ଏହି ଛକ ଦେଇ ଯିବା ଆସିବା କରିଥାନ୍ତି। ନିକଟରେ ଥିବା ଯାଜପୁରରୋଡ୍ ଥାନା, ଶିକ୍ଷାନୁଷ୍ଠାନ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ଲୋକେ ଏହି ବାଟେ ଯାତାୟାତ କରିଥାଆନ୍ତି, ଯଦ୍ୱାରା ସବୁସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ମାତ୍ର ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏଭଳି ଏକ ଗୁରୁତପୂର୍ଣ୍ଣ ଛକରେ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଟ୍ରାଫିକ ସମସ୍ୟା ସମାଧାନ କ୍ଷେତ୍ରରେ ପଛଘୁଞ୍ଚା ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି।

୪ ବର୍ଷ ତଳେ କୋରେଇ ସଂଗ୍ରାମ ସମିତି ବେଣାପୁର ଛକ ଓ ଫାୟାର ଷ୍ଟେଶନ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ସହ ଗଳିପୋଲ ନିର୍ମାଣ ପାଇଁ ଧାରଣା ଦେଇଥିଲା। ପରେ ତତ୍‌କାଳୀନ କଳିଙ୍ଗନଗର ଏଡିଏମ୍ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସଂଗ୍ରାମ ସମିତି ସହ ମିଳିତ ଆଲୋଚନା କରିଥିଲେ। ଆଲୋଚନାରେ ୨ ଛକର ତ୍ରୁଟିପୂର୍ଣ୍ଣ ନକ୍ସାକୁ ପରିବର୍ତ୍ତନ କରିବା ସହ ନୂତନ ନକ୍ସା କରାଯାଇ ବେଣାପୁରଠାରେ ଗଳିପୋଲ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗଳିପୋଲ ନିର୍ମାଣରେ ବିଳମ୍ବ କରିବାରୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏଥିରେ ହସ୍ତକ୍ଷେପ କରିଥିଲେ। ପରେ ବେଣାପୁରଠାରେ ଗଳିପୋଲ କାର୍ଯ୍ୟ ଚାଲିଛି। ମାତ୍ର ଏହି ଛକଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଫାୟାର ଷ୍ଟେଶନ ଛକକୁ ଅଦ୍ୟାବଧି ପ୍ରାଧାନ୍ୟ ଦିଆଯାଉନାହିଁ। ଏଠାରେ ତୁରନ୍ତ ଅତ୍ୟାଧୁନିକ ଟ୍ରାଫିକ୍ ବ୍ୟବସ୍ଥା କରିବାକୁ ବାରମ୍ବାର ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏଦିଗରେ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବାକୁ କୋରେଇ ସଂଗ୍ରାମ ସମିତି ଦାବି କରିଛି। ଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ବିଦ୍ୟାଧର ମହାନ୍ତି ଚେତାବନୀ ଦେଇଛନ୍ତି।

## ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଧର୍ମଶାଳା,୨୦।୮(ବଟକୃଷ୍ଣ ପରିଡ଼ା)

ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳ ଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଆସନ୍ତା ସେପ୍ଟେମ୍ବର ୧୦ ତାରିଖରେ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ପାଳନ କରାଯିବ। ଏଥିପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସାହିତ୍ୟ ସମ୍ମାନ, ଗୋକର୍ଣ୍ଣିକା ସମ୍ମାନ ପ୍ରଦାନ ପାଇଁ ସ୍ଥିର କରାଯାଇଛି। ଏଥିସହ ପଣ୍ଡିତ ତ୍ରିପାଠୀଙ୍କ ଦ୍ୱାରା ରଚିତ ଓଡ଼ିଶୀ ସଙ୍ଗୀତ ଆଧାରରେ ଏକ ନାଟିକା ଶୁକନ୍ୟା ଅନୁଷ୍ଠାନ ପକ୍ଷରୁ ପରିବେଷଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଡା. ରୁଦ୍ରନାରାୟଣ ପୃଷ୍ଟି, ଡ. ଗୌତମ ଜେନା, ପଣ୍ଡିତ ବ୍ରଜକିଶୋର ଦାଶ, ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ, ବ୍ରଜରାଜ ତ୍ରିପାଠୀ, ଡ. ସସ୍ମିତା ଦାଶ, ଡ. ଇନ୍ଦୁପ୍ରଭା ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ସମ୍ପାଦକ ରୁଦ୍ରପ୍ରତାପ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପୁଷ୍ପରାଜ ସଭାପତି, କୀର୍ତ୍ତିରାଜ ସମ୍ପାଦକ ନିର୍ବାଚିତ

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ

ଚଣ୍ଡିଖୋଲ,୨୦।୮(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ ରବିବାର ଚଣ୍ଡିଖୋଲ ଛକ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପୁଷ୍ପରାଜ ନାୟକ, ସମ୍ପାଦକ ଭାବେ କୀର୍ତ୍ତିରାଜ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମାନସରଞ୍ଜନ ନାୟକ, ସହସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ଜାହିଦ ଖାଁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଆଇନଜୀବୀ ଉଦୟନାଥ ସାହୁ ଘୋଷଣା କରିଛନ୍ତି। ପୁଲିଂ ଅଧିକାରୀ ଭାବେ ସୁବ୍ରତ କୁମାର ସ୍ୱାଇଁ, ଦିନବନ୍ଧୁ ନାୟକ, ଜ୍ୟୋତିଶଙ୍କର ମହାପାତ୍ର, ଅଜିତ କୁମାର ରାଉତ ପ୍ରମୁଖ ଦାୟିତ୍ୱ ନେଇ ନିର୍ବାଚନକୁ ବେଶ ଶୃଙ୍ଖଳାର ସହିତ ସମାପନ କରିଥିଲେ। ଏହି ନିର୍ବାଚନରେ ମୋଟ୍ ୨୫୯ ଭୋଟର ଥିବାବେଳେ ୨୪୬ ଜଣ ମତଦାନ କରିଥିଲେ। ବିଜୟୀ ହେବାପରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଶୋଭାଯାତ୍ରାରେ ଚଣ୍ଡିଖୋଲ ବଜାର ପରିକ୍ରମା କରିଥିଲେ। ନିର୍ବାଚନରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ଉପଦେଷ୍ଟା କ୍ଷୀରୋଦଚନ୍ଦ୍ର ମାହାଲା, ବିଜୟପାଲ ଯାଦବ, ତ୍ରୈଲୋକ୍ୟ ନାୟକ ଓ ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗଦେଇଥିବା ଯାଦବ ମହାସଂଘର କର୍ମକର୍ତ୍ତା।

ଚଣ୍ଡିଖୋଲ,୨୦।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ସର୍ବଭାରତୀୟ ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ଉତ୍ତମ ଦାସଙ୍କ ସଭାପତିତ୍ୱରେ ଚଣ୍ଡିଖୋଲ ନିକଟସ୍ଥ କଣ୍ଟିଗଡ଼ିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ଜଗଦୀଶ ଯାଦବ ଯୋଗଦେଇ ଯାଦବ ଭାଇମାନେ ନିଜକୁ ନିଜେ ଭାଇଚାରା ସୃଷ୍ଟି କରି ରାଜ୍ୟ ଓ ଭାରତବର୍ଷରେ ନିଜର ଆଧିପତ୍ୟ ଜାହିର କରିବା ଆବଶ୍ୟକ। କାହାରି ଗୋଡ଼ାଣିଆ ନ ହୋଇ ରାଜ୍ୟ ସରକାର ହୁଅନ୍ତୁ ବା କେନ୍ଦ୍ର ସରକାର ସମସ୍ତଙ୍କଠାରୁ ନିଜର ନାଯ୍ୟ ଦାବି ହାସଲ କରିବା ପାଇଁ ଏକତ୍ରିତ ହୋଇ ସ୍ୱରଉତ୍ତୋଳନ କରିବା ଦରକାର। ଆଗାମୀ ନିର୍ବାଚନରେ ରାଜ୍ୟ ଓ ସର୍ବଭାରତୀୟସ୍ତରରେ ଯେକୌଣସି ଦଳର ପାର୍ଥୀହେବା ପାଇଁ ଆବଶ୍ୟକ ସ୍ଥାନ ସଂରକ୍ଷଣ ରଖିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଥିଲେ।

ରାଜ୍ୟ ସଭାପତି ଦାସଙ୍କୁ ସମସ୍ତେ ସାହାଯ୍ୟକରି ରାଜ୍ୟ ସଂଗଠନକୁ ମଜଭୁତ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ସର୍ବଭାରତୀୟ ଉପସଭାପତି ହିତେଶ ବର୍ଗତି, ରାଜ୍ୟ ମହିଳା ସଭାନେତ୍ରୀ ମାମିନା ଖିଲାର, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ କଂସ, ଯାଜପୁର ଜିଲା ସଭାପତି ରାମଚନ୍ଦ୍ର ବେହେରା, ବଡ଼ଚଣା ନିର୍ବାଚନମଣ୍ଡଳୀ ସଭାପତି ଧୂଳେଶ୍ୱର ଦାସ, ମହିଳା ନେତ୍ରୀ କାଞ୍ଚନବାଳା ଦାସ, ଆଇନଜୀବୀ ଦେବରାଜ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସବ୍ୟସାଚୀ ମାହାଲା, ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଯାଦବ ଭାଇ ଓ ଭଉଣୀମାନେ ଏକ ମନ ଏକ ପ୍ରାଣ ହୋଇ ନିଜର ସମସ୍ତ ସମସ୍ୟାକୁ ସରକାରଙ୍କଠାରୁ ହାସଲ କରିବା ପାଇଁ ଆଗେଇ ଯିବାକୁ ଚେଷ୍ଟା କରିବା ଦରକାର ବୋଲି କହିଥିଲେ। ବୈଠକରେ ବହୁ ଜିଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯାଦବମାନଙ୍କର ଚିରାଚରିତ ଲହୁଡ଼ି ଓ ଓଗାଳ ଗାନ କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବଡ଼ଚଣା ବ୍ଲକ ସମ୍ପାଦକ ତପନ ବେହେରା ଧନ୍ୟବାଦ ଦେଇଥିଲେ।

## ବେତଣ୍ଡା ଜଗନ୍ନାଥ ମନ୍ଦିରରେ ପୁରୁଷୋତ୍ତମ ମହୋତ୍ସବ

ରସୁଲପୁର,୨୦।୮(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତସ୍ଥିତ ବେତଣ୍ଡା ଜଗନ୍ନାଥ ମନ୍ଦିରରେ ପୁରୁଷୋତ୍ତମ ମହୋତ୍ସବ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନାର ପ୍ରମୁଖ ପ୍ରଶାନ୍ତ କୁମାର ନାୟକ ସସ୍ତ୍ରୀକ ସବିତାରାଣୀ ନାୟକଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ସହସ୍ରନାମ ପାଠ ସହ ଗୀତା ଅଧ୍ୟୟନ କରାଯାଇଥିଲା। ଏଥି ସକାଶେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ପବିତ୍ର ଦାଶ, ଶ୍ରୀନିବାସ ପଣ୍ଡା, ସୌଭାଗ୍ୟ ଦାଶ, ଟୁକୁନା ପଣ୍ଡା ଓ ରାଜେନ୍ଦ୍ର ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତ୍ୟୁଷରେ ସୂର୍ଯ୍ୟପୂଜା, ଗୋପୂଜା, କୁଣ୍ଡମଣ୍ଡଳ ପୂଜା, ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ଷୋଡ଼ଶ ଉପଚାର ପୂଜା ଆଦି ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପ୍ରଭୁଙ୍କ ସହସ୍ର ନାମରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଧର୍ମ ପୁସ୍ତିକା ଗୀତା ଭାଗବତର ୧୮ ଅଧ୍ୟାୟରେ ବର୍ଣ୍ଣିତ ୭୦୦ ଶ୍ଳୋକରେ ଆହୁତି ପ୍ରଦାନ କରାଯାଇ ସନ୍ଧ୍ୟାରେ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଭଜନ, ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳାନ ପାଇଁ ଗଠିତ ଆଞ୍ଚଳିକ କମିଟି, ବାରବାଟୀ ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା।

## ରମାକାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ ସଭା



ରମାକାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

ଧର୍ମଶାଳା,୨୦।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ ଦେଉଳି ଗ୍ରାମର ନୀରବ ସାଧକ ରମାକାନ୍ତ ମହାନ୍ତିଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରବଚକ ବିଭୂତି ଭୂଷଣ ପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇ ରମାକାନ୍ତ ଜଣେ ନୀରବ ସାଧକ ଥିଲେ। ଠାକୁର ଶ୍ରୀଶ୍ରୀ ନିଗମାନନ୍ଦଙ୍କ ଆଶ୍ରିତ ହୋଇ ଅଧ୍ୟାତ୍ମିକ ମାର୍ଗରେ ନିଜକୁ ଉତ୍ସର୍ଗିକୃତ କରିଥିଲେ ବୋଲି କହିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, କୃଷକନେତା ବସନ୍ତ କୁମାର ପରିଡ଼ା, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ସାମଲ, ବ୍ରଜକିଶୋର ଦାଶ ଓ କଳିଙ୍ଗ କିଶୋର ମହାନ୍ତି ପ୍ରମୁଖ ଅତିଥି ଭବେ ଯୋଗଦେଇ ରମାକାନ୍ତଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।

ସେହିପରି ସାମାଜିକ କର୍ମୀ ବୈଦ୍ୟନାଥ ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି, ବୈରାଗୀ ଚରଣ ମହାନ୍ତି, ଗାୟକ ଶ୍ରୀକାନ୍ତ ଦାସ, ଆଇନଜୀବୀ ରାମଚନ୍ଦ୍ର ରାୟ, କାହ୍ନୁଚରଣ ଦାଶ, ଅମର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ଖବରଦାତା ଅଖିଳ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ବେହେରା, ସୁବୋଧ କୁମାର ରାୟ, ପୁରୁଷୋତ୍ତମ ଜେନା, ଗୋଲକ ଚନ୍ଦ୍ର ପଲେଇ ଓ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶିକ୍ଷକ ସଦୀପ୍ତ ମହାନ୍ତି ରମାକାନ୍ତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ରମାକାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବଡ଼ଭାଇ ଉମାକାନ୍ତ ମହାନ୍ତି, ସାନଭାଇ ଲକ୍ଷ୍ମୀଧର ମହାନ୍ତି ଓ ଶକ୍ତିକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବ ସମାଜ ରାଜୀବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଯାଜପୁର ଟାଉନ୍,୨୦।୮ (ପ୍ରଯନ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ସନ୍ତୋଷ ନନ୍ଦଙ୍କ ସଭାପତିତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ପାଳିତ ହୋଇଯାଇଛି। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ଉପସ୍ଥିତ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାରତରେ ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀଭାବେ ଗାନ୍ଧୀଙ୍କ ନେତୃତ୍ୱ ତଥା ଆଧୁନିକ ଭାରତ ଗଠନ କରିବାରେ ଯୁବ ସମାଜକୁ ତାଙ୍କର ଆହ୍ୱାନ ଏବଂ ପ୍ରଚେଷ୍ଟା ସମ୍ପର୍କରେ ସଭାରେ ବକ୍ତାମାନେ ପ୍ରକାଶ କରିଥିଲେ। ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ। ସଭାରେ ସର୍ବଶ୍ରୀ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଦିଗମ୍ବର କର, ନାରାୟଣ ଚନ୍ଦ୍ର ସାମନ୍ତ, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, କନକଲତା ରାଉତ, ସଂଗ୍ରାମ ସାହାଣୀ, ରଘୁନାଥ ସାହୁ, କପିଳେଶ୍ୱର ଦଳାଇ, ବିଜୟ କୁମାର ମହାପାତ୍ର, ପ୍ରଦୀପ ବେହୁରିଆ, ବିଳାସ ରାଉତରାୟ, ମନୋଜ କୁମାର ଜେନା, ଅବଦୁଲ ରୌଫ, ମାନସ ପଣ୍ଡା, ଉତ୍କଳ କେଶରୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ ଧନ୍ୟବାଦ ଦେଇଥିଲେ।




ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଯୋଗଦେଇଥିବା ନେତା ଓ କର୍ମୀ।

## ବ୍ରହ୍ମବରଦା ମୁଖ୍ୟ ରାସ୍ତା ଶୋଚନୀୟ

ତୁରନ୍ତ ମରାମତି ଦାବି

ବ୍ରହ୍ମବରଦା,୨୦।୮ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ମୁଖ୍ୟରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ବ୍ରହ୍ମବରଦା ଚଣ୍ଡିମନ୍ଦିରଠାରୁ ମାଛ ମାର୍କେଟ ପର୍ଯ୍ୟନ୍ତ ଏହି ରାସ୍ତା ପାଖାପାଖି ୨୦୦ମିଟର ଖାଲଖମରେ ଭର୍ତ୍ତି ହୋଇଛି। ଏହି ରାସ୍ତା ବ୍ରହ୍ମବରଦାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ବ୍ୟାଙ୍କକୁ ସଂଯୋଗ କରୁଛି। ତତ୍‌ସହିତ ଜନକ, ବନ୍ଧଡ଼ିହ ଓ ଅରାବଳ ପଟୁ ଆସୁଥିବା ବସ୍, ଟ୍ରକ୍, ଟ୍ରାକ୍ଟର, କାର୍, ବାଇକ ଆଦି ଯାନବାହନ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ବ୍ରହ୍ମବରଦା ଚଣ୍ଡିମନ୍ଦିର ନିକଟରେ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ଏହି ରାସ୍ତାଦେଇ ସ୍କୁଲ୍



ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

ପିଲାମାନେ ଯାତାୟାତ କରିବା ସମୟରେ ରାସ୍ତାରେ ଗାତ ଥିବା ଜାଣି ନ ପାରି ପଡ଼ି ଆହତ ହେଉଛନ୍ତି। ଏନେଇ ବ୍ରହ୍ମବରଦାର ଯୁବ ସାମାଜିକ କର୍ମୀ ପ୍ରଫୁଲ୍ଲ ଗିରି କହିଛନ୍ତି, ଏହି ରାସ୍ତା ଆରମ୍ଭରୁ ସେହିପରି। ନୂତନ ରାସ୍ତା ନିର୍ମାଣ ହେଉ କିମ୍ବା ମରାମତି ଅସାଧୁ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାରୁ ରାସ୍ତା ଅବସ୍ଥା ଏଭଳି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଯଥାସମ୍ଭବ ଏହି ବିପଦପୂର୍ଣ୍ଣ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଯଦି ଏହା କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଲୋକେ ପ୍ରକାଶ କରିଛନ୍ତି।

# ନାଁକୁ କେବଳ ତଦନ୍ତ, ପଦକ୍ଷେପ ଶୂନ

**ପ୍ରାଣୀ ଚିକିତ୍ସା ସେବା କର ଛାଡ଼, ପଦବୀ ପୂରଣ ପ୍ରସଙ୍ଗ**

- ୫-ଟି ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା
- ଅନେକ ପଦବୀ ଖାଲି ପଡ଼ିଛି

ଜଗତ୍‌ସିଂହପୁର, ୨୦।୮
(ପ୍ରମୋଦ କୁମାର ନାୟକ)

ମନୁଷ୍ୟମାନଙ୍କ ପାଇଁ ସରକାର ଅନେକ ମାଗଣା ଚିକିତ୍ସା ସୁବିଧା କରିଥିବାବେଳେ ପ୍ରାଣୀମାନେ ଉପେକ୍ଷିତ ହେଉଛନ୍ତି। ଗୃହପାଳିତ ପ୍ରାଣୀମାନଙ୍କଠାରୁ ମଣିଷମାନେ ଜୀବିକା ସହ ଅନେକ ସୁବିଧା ସୁଯୋଗ ପାଉଛନ୍ତି। କିନ୍ତୁ ସେମାନଙ୍କୁ ଅଣଦେଖା କରାଯାଉଛି। ଏହାଦ୍ୱାରା ଅନେକ ଗରିବ ଲୋକେ ଖର୍ଚ୍ଚାନ୍ତ ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଶୋଷଣର ଶିକାର ମଧ୍ୟ ହେଉଛନ୍ତି। କେବଳ ଏତିକି ନୁହେଁ, ଜିଲାରେ ପାଖାପାଖି ୫ଟି ଡାକ୍ତର, ୨୦ ପ୍ରାଣୀଧନ ନିରୀକ୍ଷକ ଓ ୫୦ରୁ ଅଧିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଲୋକେ ଆବଶ୍ୟକ ସେବା ପାଇ ପାରୁନାହାନ୍ତି। ଏ ସମ୍ପର୍କରେ ଅତୀତରେ ଅନେକ ଅଭିଯୋଗ ହୋଇଥିଲା। ଜୁନ ୨୯ ଓ ୩୦ ରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ ସମୟରେ ଏହି ପ୍ରସଙ୍ଗ ଉଠିଥିଲା। ସ୍ଥାନୀୟ ଅଞ୍ଚଳର ବିଜୟ କୁମାର ରାଉତ ଏହା ଉପରେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ତଦନ୍ତ ମଧ୍ୟ ଆରମ୍ଭ ହୋଇଥିଲା। ଡା. ଶଶାଙ୍କ ଶେଖର ନାୟକ (ଏସ୍‌ଡିଭିଓ) ଓ ଯଦୁନାଥ ପରିଡ଼ା (ଏଡିଭିଓ ଏଲ୍‌ପି) ବିଜୟଙ୍କୁ ସାକ୍ଷାତ କରି ତାଙ୍କର ଅଭିଯୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଫଳ ମିଳିଲା ନାହିଁ। କେବଳ ବିଜୟ ନୁହେଁ, ଜିଲାର ଅନେକ ଲୋକ ପ୍ରାଣୀମାନଙ୍କ ଚିକିତ୍ସା ନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାନୁଷ୍ଠାନ କି ପ୍ରତିକାର ହେଉ ନ ଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଅନେକ ସମୟରେ ବହୁ ପ୍ରସଙ୍ଗରେ ତଦନ୍ତ କରାଯାଏ। କିନ୍ତୁ ତାହା କେବଳ ଔପଚାରିକତା ପୂରଣ ପାଇଁ ହୋଇଥାଏ। ୫-ଟି ସଚିବଙ୍କ ନିର୍ଦ୍ଦେଶରେ ତଦନ୍ତ ପରେ କିଛି ନିର୍ଯାସ ବାହାରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରତିକାର ନ ହେବାରୁ ଧୀରେ ଧୀରେ ଲୋକଙ୍କ ଭିତରେ ନିରାଶାଭାବ ସୃଷ୍ଟି ହେଲାଣି।

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ସମୟରେ ଲୋକେ ଅନେକ ଲିଖିତ ଆପତ୍ତି, ଅଭିଯୋଗ ଓ ପ୍ରସ୍ତାବ ଦେଇଥିଲେ। ସେତେବେଳେ ପାଣ୍ଡିଆନ କହିଥିଲେ, ସମସ୍ତ ଅଭିଯୋଗ ଓ ପ୍ରସ୍ତାବକୁ ଗମ୍ଭୀରତାର ସହ ବିଚାରକୁ ନିଆଯାଇ ୭ ଦିନ ମଧ୍ୟରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ତେବେ ସେଥିମଧ୍ୟରୁ ବିଜୟଙ୍କ ଉପରୋକ୍ତ ୨ଟି ପ୍ରସଙ୍ଗରେ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିବା ପଦାକୁ ଆସିଛି। ବିଜୟ ଦର୍ଶାଇଥିଲେ, ବିଭିନ୍ନ ପ୍ରାଣୀ ଚିକିତ୍ସା ନେଇ ଲୋକେ ୧ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ଦେୟ ଦେଉଛନ୍ତି। ମଣିଷମାନଙ୍କ ପାଇଁ ଚିକିତ୍ସା କ୍ଷେତ୍ରରେ ସରକାର ଅନେକ ପଦକ୍ଷେପ ନେଉଥିବାବେଳେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଆଖି ବୁଜି ଦେଉଛନ୍ତି। ଏଥିଯୋଗୁ ଛେଳି, ମେଣ୍ଢା, ଗୋପାଳନ ଆଦି ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ଗରିବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ପ୍ରାଣୀଙ୍କ ଚିକିତ୍ସା ସାଙ୍ଗକୁ ବିଭିନ୍ନ ପରୀକ୍ଷା ବାବଦରେ ଦେୟ ଛାଡ଼ କଲେ ଗୋପାଳକ ଉପକୃତ ହୁଅନ୍ତେ। ଅନ୍ୟପକ୍ଷେ ସେବା ଦେୟ ନାଁରେ ଅନେକ ସମୟରେ ଅସାଧୁ କର୍ମଚାରୀମାନେ ଗୋପାଳକଙ୍କୁ ଶୋଷୁଛନ୍ତି। ଛେଳି ଚିକିତ୍ସା ପାଇଁ ୧ ବଦଳରେ ୫ ଟଙ୍କା, ଗାଈ ଗୋବର ପରୀକ୍ଷା ବାବଦରେ ୫ରୁ ୧୦ ଟଙ୍କା, ଡାକ୍ତରଖାନା ଓ ଘରେ କୃତ୍ରିମ ପ୍ରଜନନ ପାଇଁ ୪୦ ବଦଳରେ ୨୫୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ନେବାକୁ ପଛାଉନାହାନ୍ତି। ଜିଲାର ଅଧିକାଂଶ ପ୍ରାଣୀ ସେବା କେନ୍ଦ୍ରରେ ଦେୟ ସଂକ୍ରାନ୍ତୀୟ ସୂଚନା ଫଳକ ନାହିଁ, ତେଣୁ ଲୋକେ ଦେୟ ସଂକ୍ରାନ୍ତରେ ଅନ୍ଧାରରେ ରହୁଛନ୍ତି। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କେଉଁ ସମୟରେ ସେବା ମିଳିବ ସେ ସଂକ୍ରାନ୍ତରେ ମଧ୍ୟ ସମୟ ନିର୍ଘଣ୍ଟ ସୂଚନା ଚିକିତ୍ସାଳୟଗୁଡିକରେ ରହୁ ନାହିଁ। ଏଥିଯୋଗୁ ଲୋକେ ସମୟ ଅପଚୟ କରି ଆସି ଫେରିଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୌଣସି ଚିଠାରେ କେସ୍‌ର କ୍ରମିକ ନମ୍ବର ଓ ପ୍ରାଣୀ ଚିକିତ୍ସକଙ୍କ ଦସ୍ତଖତ ଦେଖିବାକୁ ମିଳୁନାହିଁ। ଚାଷୀ ଅର୍ଥ ଦେଉଥିଲେ ସୁଦ୍ଧା ରସିଦ ପାଉନାହାନ୍ତି। ଅନେକ ସମୟରେ ଅସାଧୁ କର୍ମଚାରୀ କେସ ଖାତାରେ ଦେୟ ପରିମାଣ ନ ଲେଖି ପକେଟରେ ପୂରାଇ ଦେଉଥିବା ଅଭିଯୋଗ ହେଉଛି। ଗୋପାଳକମାନଙ୍କ ପାଇଁ ଅନେକ ସମୟରେ ମାଗଣା ଔଷଧ ଆସୁଛି। ହେଲେ ତାହା କୁଆଡେ ଯାଉଛି ତା'ର କିଛି ଖବର ମିଳୁନାହିଁ। କେଉଁ ଔଷଧ ଗଚ୍ଛିତ ଅଛି ତା'ର ବିବରଣୀ ସୂଚନା ଫଳକରେ ଦେଖିବାକୁ ମିଳୁନାହିଁ। ଏହାବାଦ୍ ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ ପ୍ରାଣୀ ଚିକିତ୍ସକ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ପ୍ରାଣୀ ଚିକିତ୍ସାରେ ଅନ୍ତରାୟ ସୃଷ୍ଟି କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପଠାଯାଇଛି। ଏହାପରେ ଜିଲାପାଳ ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ପାଖକୁ ପଠାଇବେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଘର ନମ୍ବରିଂ ଆଳରେ ଲୋକଙ୍କଠାରୁ ଟଙ୍କା ଆଦାୟ

ରଘୁନାଥପୁର,୨୦।୮
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲାପାଳଙ୍କ ଅବିକଳ ଦସ୍ତଖତ ଥିବା ଏକ ନକଲି ଚିଠି ଦେଖାଇ ନବଯୁଗ ଇନ୍‌ଫୋଟେକ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥା ରଘୁନାଥପୁର ବ୍ଲକ ଅଞ୍ଚଳରେ ଘର ନମ୍ବରିଂ କରିବା ପାଇଁ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଛି। ଜିଲା ପ୍ରଶାସନ ପକ୍ଷରୁ ଏହା ଉପରେ ଏକ ସ୍ପଷ୍ଟୀକରଣ ରଖାଯାଇଛି। ଏଭଳି କୌଣସି ଚିଠି ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇନାହିଁ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏକ ପ୍ରେସ ରିଲିଜରେ ଜଣାଇଛନ୍ତି। ଏହାଛଡା କୌଣସି ବ୍ୟକ୍ତି ଠକାମିର ଶିକାର ନ ହେବାକୁ ଅଧିକାରୀ ପଟ୍ଟନାୟକ ସୂଚାଇ ଦେଇଛନ୍ତି। ଯଦି ଏଭଳି କୌଣସି ସଂସ୍ଥା ବା ସଙ୍ଗଠନ ନକଲି ଚିଠି ଦେଖାଇ ଟଙ୍କା ଆଦାୟ କରୁଥିବା ନଜରକୁ ଆସିଲେ ତୁରନ୍ତ ନିକଟସ୍ଥ ପୋଲିସ ଓ ଥାନାକୁ ଖବର ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଏଭଳି କେତେକ ସଂସ୍ଥା ଗ୍ରାମାଞ୍ଚଳରେ ଜିଲା ପ୍ରଶାସନଙ୍କ ନକଲି ଚିଠି ଦେଖାଇ ଘର ନମ୍ବରିଂ ଓ ବିଭିନ୍ନ ପ୍ରକାର ସର୍ଭେ କରିବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଛି। ଦୁଇମାସ ତଳେ ରଘୁନାଥପୁର ପଞ୍ଚାୟତ କୋରକରା ମହାଦେବତୋଳାର ସଞ୍ଜୟ ପ୍ରଧାନ ଓ ବିଜୟ ପ୍ରଧାନଙ୍କ ସହ ଅନେକ ଗ୍ରାମବାସୀ ଏଭଳି ଚକ୍ରାନ୍ତର ଶିକାର ହୋଇଥିବା କହିଛନ୍ତି। ଏହା ପଛରେ ଏକ ରାକେଟ କାମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତୁରନ୍ତ ଏଭଳି ଠକ ସଂସ୍ଥାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ଜନତାଙ୍କ ପକ୍ଷରୁ ଦାବି ହେଉଛି।

### ଟ୍ରକ୍ ଚାପାରେ ୯ ଗୋରୁ ମୃତ, ୧ ଗୁରୁତର

ବଡବିଲ,୨୦।୮(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଗନ୍ଧଲପଦା ନିକଟରେ ଏକ ଟ୍ରକ ଚାପାରେ ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୁରୁତର ହୋଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ରାସ୍ତା ଉପରେ ଶୋଇଥିବା ଗୋରୁପଲଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ସୂଚନା ଅନୁଯାୟୀ, ରବିବାର ଭୋରରେ ଜାତୀୟ ରାଜପଥର କୋଇଡ଼ା ପଟୁ କେନ୍ଦୁଝର ରାସ୍ତାରେ ଯାଉଥିବା ଅଜଣା ଟ୍ରକ୍ ଗୋରୁପଲଙ୍କ ଉପରେ ଚଢ଼ାଇ ପଳାଇଯାଇଛି। ରୁଗୁଡ଼ି ପୋଲିସ ପହଞ୍ଚି ମୃତ ଗୋରୁଙ୍କୁ ରାସ୍ତା ଉପରୁ ଉଠାଇଥିଲା। ଯୋଡ଼ାସ୍ଥିତ ନନ୍ଦୀ ଗୋ-ସେବା କେନ୍ଦ୍ରର ସଦସ୍ୟମାନେ ଆହତ ଗୋରୁକୁ ଉଦ୍ଧାର କରି ନେଇଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଶନିବାର ଭୋର ସମୟରେ ଯୋଡ଼ା ଥାନା ବିଲେଇପଦାସ୍ଥିତ କାରଣସାହି ନିକଟରେ ଏହି ରାଜପଥରେ ଏକ ଟ୍ରକ୍ ଚାପାରେ ୮ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ୨ଗୋରୁ ଗୁରୁତର ହୋଇଥିଲେ।

## ଭୂତକୋଠି ପାଲଟିଛି ଖଡ଼ିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର

ପଟ୍ଟାମୁଣ୍ଡାଇ, ୨୦।୮ (କଳ୍ପତରୁ ନାୟକ)

ଗ୍ରାମାଞ୍ଚଳରେ ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ମଇଁଷି ଆଦି ପ୍ରାଣୀ ସମ୍ପଦଙ୍କ ଚିକିତ୍ସା ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ କେବଳ କାଗଜକଲମରେ ହିଁ ସୀମିତ ହୋଇ ରହିଯାଉଥିବା ଅଭିଯୋଗ ହେଉଛି। ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ପ୍ରାଣୀ ଚିକିତ୍ସା କେନ୍ଦ୍ର କ୍ଷେତ୍ରରେ। ଏଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଗୃହଟି ବ୍ୟବହାର ହେଉ ନ ଥିବାରୁ ଚାରି ପାଖରେ ଅନାବନା ଗଛ ଉଠିଗଲାଣି। ଏବେ ଏହା ଭୂତକୋଠିରେ ପରିଣତ ହୋଇଛି।

ବୁଦ୍ଧିଜୀବୀ ପ୍ରଭାକର ସେଠୀ କହିଛନ୍ତି, ୨୦୧୨ରେ ତତ୍କାଳୀନ ବିଧାୟକ ଖଡିଅଣ୍ଟାଠାରେ ୪ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏହି ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ସମ୍ପଦଙ୍କ ଚିକିତ୍ସା କରାଯାଇନାହିଁ। ଆଜି ଯାଏ କୌଣସି ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତି ଏଠାରେ ପରିଲକ୍ଷିତ ହୋଇନାହିଁ। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେହୁଏ। ଏହି ପଞ୍ଚାୟତରେ ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ରହିଥିବାବେଳେ ଡାକ୍ତର ନ ଥିବାରୁ ସେମାନଙ୍କ ଚିକିତ୍ସା ଲାଗି ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଅଦିନିଆ ରୋଗ କିମ୍ବା ପ୍ରାଣୀଙ୍କର ହଠାତ୍ କିଛି ହେଲେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ନଚେତ୍ ବଡ଼ପଡ଼ାରୁ ଡାକ୍ତର ଡାକିବାକୁ ପଡୁଛି। ଯାହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ବେଳେ ଠିକ୍ ସମୟରେ ସେବା ପାଇ ପାରୁନାହାନ୍ତି। ଚିକିତ୍ସା ଅଭାବରୁ ଅନେକ ସମୟରେ ପ୍ରାଣୀଙ୍କ ପ୍ରାଣହାନି ଘଟୁଥିବା ମଧ୍ୟ ନଜିର ରହିଛି। ସେହିପରି ସାମାଜିକ କର୍ମୀ ସୁଶାନ୍ତ ସାମଲ, ପୂର୍ବତନ ସରପଞ୍ଚ କଳାକାର ପ୍ରଧାନ, ଅଜୟ ନାୟକ, ଅଶୋକ ମହାନ୍ତି, ପ୍ରଶାନ୍ତ ନାୟକ, ନରେଶ ଜେନା, ଭରତ ବଳ ପ୍ରମୁଖ କହିଛନ୍ତି, ଆଜକୁ ପ୍ରାୟ ୧୦ ବର୍ଷ ହେବ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରଟି ପୂର୍ଣ୍ଣାଙ୍ଗ ହୋଇଥିଲେ ବି କାର୍ଯ୍ୟକ୍ଷମ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ତାହା ଏବେ ପରିତ୍ୟକ୍ତ ଅବସ୍ଥାକୁ ଆସି ଯାଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଖଡିଅଣ୍ଟା ପଞ୍ଚାୟତରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଚାଲୁ କରିବାକୁ ଡାକ୍ତର ନିଯୁକ୍ତି ସହ ପ୍ରାଣୀ ସମ୍ପଦଙ୍କ ଚିକିତ୍ସା ସୁବିଧା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟର ଭିଏଏସ୍ ଭାବେ ଡା.ପ୍ରଦୀପ ଜେନାଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୫ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ସେଥିମଧ୍ୟରୁ ଦାଣ୍ଡିସାହି, ଅଣ୍ଡରା, ଚନ୍ଦନନଗର, ଅଠରବାଟିଆ, ନପଙ୍ଗ ପ୍ରାଣୀ ସହାୟକ କେନ୍ଦ୍ରରେ ଲାଇଫଷ୍ଟକ୍ ଇନ୍ସପେକ୍ଟର(ଏଲ୍‌ଆଇ)ଙ୍କୁ ନିଯୁକ୍ତି ଦିଆଯାଇଛି। ଖଡିଅଣ୍ଟାରେ ଅଛି ବୋଲି ମୋ ନଜରକୁ ଆସିନାହିଁ ବୋଲି ସେ କହିଛନ୍ତି।


ପରିତ୍ୟକ୍ତ ଅବସ୍ଥାରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର।

## ବାନାମ୍ବର ଘାଟରୁ ପାଣି ଉଠାଇଲେ କାଉଡ଼ିଆ


କାଉଡ଼ିଆମାନେ ପାଣିଭାର ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି।

ରଘୁନାଥପୁର,୨୦।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ବାଇପାସ୍‌ସ୍ଥିତ ମହାନଦୀ ବାନାମ୍ବର ଘାଟରୁ ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଭାର ନେଇ ବିଭିନ୍ନ ଶୈବପୀଠକୁ ରବିବାର ଯାତ୍ରା କରିଛନ୍ତି। ଅପରାହ୍ନ ୨ଟାରୁ ମାନସିକଧାରୀମାନେ ଘାଟରେ ପହଞ୍ଚି ପୂର୍ଣ୍ଣକୁମ୍ଭ କଳସୀରେ ପାଣି ଆଣି ପୂଜାର୍ଚ୍ଚନା ପରେ ଲକ୍ଷ୍ୟପଥକୁ ଯାତ୍ରା ଆରମ୍ଭ କରିଥିଲେ। ଏହା କ୍ରମଶଃ ସନ୍ଧ୍ୟାରୁ ବୃଦ୍ଧି ପାଇଥିଲା। ବୋଲବମ୍ ଓ ଡିଜେ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ଥାନୀୟ ଗ୍ରାମବାସୀ ସେଠାରେ ଉପସ୍ଥିତ ରହି କାଉଡ଼ିଆଙ୍କୁ ସହଯୋଗ କରିଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଦମକଳ ବାହିନୀ ପାଣି ଉଠାଇବା ସ୍ଥାନରେ ଉପସ୍ଥିତ ଥିଲା। ସେହିପରି ରଘୁନାଥପୁର ପୋଲିସ ଟ୍ରାଫିକ କଣ୍ଟ୍ରୋଲ ଓ ଆଇନ ଶୃଙ୍ଖଳା ଉପରେ ନଜର ରଖିଥିଲା। କାଉଡ଼ିଆମାନେ ପାଣି ଉଠାଇ ଗୋରେଖନାଥ, ଅଷ୍ଟଶମ୍ଭୁ, ଗ୍ରାମେଶ୍ୱର, ଇସାଣେଶ୍ୱର, ରୁଦ୍ରୁରେଶ୍ୱର, ନୀଳକଣ୍ଠେଶ୍ୱର, ସପ୍ତେଶ୍ୱର ଓ ଅନ୍ୟ ପୀଠକୁ ଯାତ୍ରା କରିଥିଲେ। ରଘୁନାଥପୁରଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଲମ୍ବା ଲାଇନ ଲାଗି ରହିଥିଲା।


ପାରାଦୀପରେ ବିଶ୍ୱକର୍ମା ପୂଜା ନିମନ୍ତେ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ବ୍ୟାଙ୍କ ଛକରେ ବାଉଁଶ ଗଦା କରାଯାଇଛି।

## ବ୍ଲକସ୍ତରୀୟ ମେଗା ରକ୍ତଦାନ ଶିବିର: ୨୦୧ ୟୁନିଟ ରକ୍ତ ସଂଗ୍ରହ

ତିର୍ତ୍ତୋଲ,୨୦।୮
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ଇନ୍ଦରପାସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସାମାଜିକ ଅନୁଷ୍ଠାନ ଆଫିନ ଏବଂ ଓଆଇଜି ତରଫରୁ ଏକ ବ୍ଲକସ୍ତରୀୟ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ଅବିଭକ୍ତ ତିର୍ତ୍ତୋଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସାମାଜିକ କର୍ମୀ ବିମଳ ପ୍ରସାଦ ଦାଶ, ଆଫିନ ଏବଂ ଓଆଇଜିର ପ୍ରତିଷ୍ଠାତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତିର୍ତ୍ତୋଲ, ରଘୁନାଥପୁର, ବିରିଡି, ଏରସମା, ରାହାମା, କୁଜଙ୍ଗ, ପାରାଦୀପ ଅଞ୍ଚଳର ବହୁ କଲେଜ ଛାତ୍ରୀଛାତ୍ର ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଜଗତ୍‌ସିଂହପୁର ଓ କଟକ ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ଏହି ରକ୍ତ ସଂଗ୍ରହ କରାଯାଇଥିଲା।

## ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା ଅଭିଯୋଗ

**କାର୍ଯ୍ୟାନୁଷ୍ଠାନ ଦାବି**

ତିର୍ତ୍ତୋଲ, ୨୦।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ବିଶୁନପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅନିୟମିତତା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଶୁନପୁର ପଞ୍ଚାୟତର ସେକ ମେହେବୁବ ଅଲ୍ଲି, ଦିଲୀପ କୁମାର ମହାନ୍ତି, ସେକ୍ ଅବୁକଲାମ, ସୟଦ ମୀରାଜ, ବିଷ୍ଣୁ ଚରଣ ଦାସ, ସେକ୍ ମୁସ୍ତଫା ହୁସେନ, ହବିବ ଅହମ୍ମଦ ଖାନ, ଶାନ୍ତନୁ ପ୍ରସାଦ ମହାନ୍ତି, ସେକ୍ ଅତହର ଅଲି ଓ ଅରୁଣ ଦାଶ ପ୍ରମୁଖ ଦାବି କରିଛନ୍ତି। ସେମାନଙ୍କ ସହ ଶତାଧିକ ପଞ୍ଚାୟତବାସୀଙ୍କ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଡିଆରଡିଏର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଛି। ଏହାର ନକଲ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଲୋକପାଳ ଜଗତ୍‌ସିଂହପୁର, ଜିଲାପାଳ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଓଡିଶାର ନିର୍ଦ୍ଦେଶକଙ୍କୁ ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ କୋଲଟା ଗ୍ରାମର ମାନା ସାହୁ ଛକଠାରୁ ବଢ଼େଇ ସାହିକୁ ମାଟି ରାସ୍ତା ନିର୍ମାଣ ନାମରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ କରାଯାଇଛି। ଏହା ତଦନ୍ତସାପେକ୍ଷ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଭାବେ କୋଲଟା ଅଙ୍ଗନୱାଡି କେନ୍ଦ୍ରର ଚତୁଃପାର୍ଶ୍ୱରେ ମାଟି ପୋତେଇ ନାମରେ ଏକ ଲକ୍ଷ ପଚାଶ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିଲ କରାଯାଇଛି। ଏହି କୋଲଟାରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂର୍ବରୁ ନିର୍ମାଣ ହୋଇଥିବା ମଣ୍ଡପର ନାମ ପରିବର୍ତ୍ତନ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବରିଷ୍ଠ ନାଗରିକଙ୍କ ପାଇଁ ନିର୍ମିତ ହୋଇଥିବା ଗୃହର ଚତୁଃପାର୍ଶ୍ୱରେ ମାତ୍ର ୧୦ରୁ ୧୫ ଟ୍ରିପ ଟ୍ରାକ୍ଟର ମାଟି ପକାଇ ବିଲ୍ କରାଯାଇଛି। ଏଥିରେ ଜବକାର୍ଡଧାରୀମାନେ ମାଟି ପୋତେଇ କରିଥିବା ଦର୍ଶାଇ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଛି। ଏନେଇ ଅଭିଯୋଗ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାଶ କହିଛନ୍ତି, ପଞ୍ଚାୟତରେ ଏକାଧିକ ପ୍ରକଳ୍ପ ସମ୍ପର୍କରେ ସେ ଅଭିଯୋଗ ପାଇଛନ୍ତି। ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁ ଏହାର ତଦନ୍ତ ହୋଇପାରିନାହିଁ। ତୁରନ୍ତ ଏହାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାଶ ପ୍ରକାଶ କରିଛନ୍ତି।

## ଏରସମା-କାଣିପଦା ରାସ୍ତା ଶୋଚନୀୟ: ଅସୁବିଧାରେ ୩ ପଞ୍ଚାୟତ

ଏରସମା,୨୦।୮
(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟ ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟଠାରୁ କାଣିପଦା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହା ଉପରେ ନିର୍ଭର କରୁଥିବା ୩ ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆରଡି ରାସ୍ତା ଏରସମାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ବାହାରି କାଣିପଦା, ଓରେଇଶାଳ, ଅସରଣା, ଅରଡା, ଓରନାଳ, ତଳକୁସୁମା ଓ ମାଣପୁର ଗ୍ରାମ ଦେଇ କୋଠି ନିମୋଳ ଛକକୁ ସଂଯୋଗ କରିଛି। ୫ ବର୍ଷ ତଳେ ଏହି ରାସ୍ତା ଆରଡି ବିଭାଗ ପକ୍ଷରୁ ପିଚୁ କରାଯାଇଥିଲା। ଗତ ୨ ବର୍ଷ ତଳେ ହୋଇଥିବା ଲଗାଣ ବର୍ଷାରେ ଏହି ରାସ୍ତା ଧୋଇ ଯାଇଥିଲା। ଏହି ରାସ୍ତା ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବହୁ ଆପତ୍ତି ଅଭିଯୋଗ କରିଥିଲେ। ମାତ୍ର ପରିତାପର ବିଷୟ, ଏହାକୁ ବିଚାରକୁ ନେଇ ଆରଡି ବିଭାଗ ପକ୍ଷରୁ କରାଯାଇଥିବା ପୁନରୁଦ୍ଧାର କାର୍ଯ୍ୟ କୋଠି ନିମୋଳ ଛକଠାରୁ କାଣିପଦା ଦେଇ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟକୁ ସଂଯୋଗ ନ କରି ପଲ୍ଲୀକଣ୍ଟା ପଞ୍ଚାୟତର କେନ୍ଦୁରୀଶାଳ ଓ ଶାଇଁତୋଳ ଗ୍ରାମକୁ ସଂଯୋଗ କରି ଦେଇଛନ୍ତି। ଫଳରେ କାଣିପଦା ଗ୍ରାମଠାରୁ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅପରିବର୍ତ୍ତିତ ରହିଯାଇଛି। ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହା ଉପରେ ନିର୍ଭର କରୁଥିବା ପଲିକଣ୍ଟା, କୃଷ୍ଣଚନ୍ଦ୍ରପୁର ଓ ଏରସମା ପଞ୍ଚାୟତର ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଏରସମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଆସି ପାରୁନାହାନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ପ୍ରସନ୍ନ କୁମାର କୁଅଁର, ଧ୍ୱଜରାଜ ଖଣ୍ଡୁଆଳ, ବଳରାମ ସେଠୀ, ଶୁକଦେବ ସ୍ୱାଇଁ, ବାବାଜୀ ମଲ୍ଲିକ, ନିଖିଳ ବାରିକ ପ୍ରମୁଖ ଦାବି କରିଛନ୍ତି। ନଚେତ ବାଧ୍ୟ ହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଦ୍ଧନାଥ ସିଂଙ୍କୁ ପଚାରିବାରେ ସେ ଏଠାରେ ଯୋଗ ଦେବା ପୂର୍ବରୁ କାର୍ଯ୍ୟର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବ୍ୟୟ ମଞ୍ଜୁର ହୋଇଯାଇଥିଲା। ବର୍ଷା ଋତୁ ଆସି ଯାଇଥିବାରୁ ଚଳିତ ବର୍ଷ ଏହି କାର୍ଯ୍ୟ କରିବା ସମ୍ଭବ ହେବ ନାହିଁ। ଆସନ୍ତ ବର୍ଷକୁ ମଞ୍ଜୁର ପାଇଁ ଆମେ ପ୍ରସ୍ତାବ ଦେବୁ ବୋଲି ସେ କହିଛନ୍ତି।


ଖାଲଖମାରେ ପରିପୂର୍ଣ୍ଣ ରାସ୍ତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଅଗଷ୍ଟ, ୨୦୨୩

**ବିଜେଡି କର୍ମୀଙ୍କ ଆକ୍ରମଣ ଘଟଣାରେ ୩ ଗିରଫ**

ପୋଲସରା, (ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ଢୁଙ୍କାପଡ଼ା ଗ୍ରାମର ଦୁର୍ନୀତି ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହେବା ପରେ ସୂଚନା କର୍ମୀ ରାଜୀବ କୁମାର ଜେନା, ସଙ୍କରସର୍ଣ ପ୍ରଧାନ, ସାମାନ୍ତଳ ଜେନା ଓ ସାମ୍ବାଦିକ ନିରଞ୍ଜନ ଶବରଙ୍କୁ ବିଜେଡି କର୍ମୀମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ଘଟଣାରେ ରାଜୀବଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢୁଙ୍କାପଡ଼ା ଗ୍ରାମର ଶଙ୍କର ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱେଶ ପୋଲେଇ। ଏ ନେଇ ନଂ. ୪୯୩/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସଆଇ ଗୋପାଳ କୃଷ୍ଣ ସାଗୁଆଡ଼ ସୂଚନା ଦେଇଛନ୍ତି।

**ଆଜି କ'ଣ କେଉଁଠି**

ସୋରଡା
- ସ୍ୱାଧୀନ ଶାସନ ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା। ସ୍ଥାନ –ସୋରଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ - ପୂର୍ବାହ୍ନ ୧୧ ଟା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ସୋରଡା,୨୦।୮ (ଲୋକନାଥ ପାଣିଗ୍ରାହୀ)

ଗଞ୍ଜାମ ଜିଲା ସୋରଡା ଥାନା ଅନ୍ତର୍ଗତ ସାନବଡାଙ୍ଗୀ ଗ୍ରାମର ଜଣେ ମହିଳାଙ୍କ ଶନିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସାନବଡାଙ୍ଗୀ ଗ୍ରାମର ରାଧାକାନ୍ତ ବେହେରାଙ୍କ ସ୍ତ୍ରୀ ଗେଲ୍ଲୀ ବେହେରା। ଗେଲ୍ଲୀ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ରବିବାର ମୃତଦେହ ଜବତ କରିବା ସହ ସ୍ୱାମୀ ରାଧାକାନ୍ତଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ବଡଗଡ ନିକଟ ବଳରାମପୁର ଗ୍ରାମର ରମେଶ ବେହେରାଙ୍କ ଝିଅ ଗେଲ୍ଲୀ ସୋରଡା ବ୍ଲକ ସାନବଡାଙ୍ଗୀ ଗ୍ରାମର ରାଧାକାନ୍ତଙ୍କୁ ପ୍ରାୟ ୫ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ଶନିବାର ଦମ୍ପତି ବଳରାମପୁର ଯାଇ ଅପରାହ୍ଣରେ ଘରକୁ ଫେରିଥିଲେ। କିଛି ସମୟ ପରେ ଗେଲ୍ଲୀ ଅସୁସ୍ଥ ହୋଇପଡ଼ିଥିବା ତାଙ୍କ ବାପା ଘରକୁ ଶାଶୁଘର ଲୋକେ ଖବର ଦେଇଥିଲେ। ଗେଲ୍ଲୀକୁ ତୁରନ୍ତ ସୋରଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମୂହ ଛୁଟି

ବୁଗୁଡା,୨୦।୮ (କାଳି ଚରଣ ଦାଶ)

ଶିକ୍ଷାଗତ ଯୋଗ୍ୟତା +୨ରୁ +୩ କରିବା, ସର୍ବନିମ୍ନ ଦରମା ୨୧,୭୦୦ ଟଙ୍କାରୁ ୩୫,୪୦୦ ଟଙ୍କାକୁ ବୃଦ୍ଧି, ଗ୍ରେଡ୍ ପେ' ବୃଦ୍ଧି ଏବଂ ଏହି ପଦବୀରେ ୧୦ ବର୍ଷ କାର୍ଯ୍ୟ କରିଥିବା ପିଇଓଙ୍କୁ ନୂତନ ପଦବୀ ଜିପିଡିଓ ସୃଷ୍ଟି କରି ଶତ ପ୍ରତିଶତ ପଦୋନ୍ନତି କରିବା ଆଦି ୪ ଦଫା ଦାବି ନେଇ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଆନ୍ଦୋଳନ କରିଥିଲେ। ଦାବି ପୂରଣ ନ ହେବାରୁ ସେମାନେ ୧୮ତାରିଖରୁ ସମୂହ ଛୁଟିରେ ଯାଇଛନ୍ତି। ବୁଗୁଡା ବ୍ଲକ ପିଇଓ ସଂଘ ସଭାପତି ସୁବ୍ରତ ଗଡନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ମନୋଜ କୁମାର ସାହୁ ଓ ବାଳକୃଷ୍ଣ ଜେନା ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ୧୬ ଜଣ ପିଇଓ ସମୂହ ଛୁଟିରେ ଯାଇଛନ୍ତି।

## କଂଗ୍ରେସ ପାଳିଲା ରାଜୀବ ଜୟନ୍ତୀ

ଛତ୍ରପୁର,୨୦।୮ (ସନ୍ତୋଷ ପାଢ଼ୀ)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ପ୍ରାପ୍ତ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ରବିବାର ପାଳନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଏସସି ସେଲ ସଂଯୋଜକ ଭାଗିରଥି ବେହେରାଙ୍କ ନେତୃତ୍ୱରେ ଛତ୍ରପୁର ଉପର ବସଷ୍ଟାଣ୍ଡ ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ରାଜୀବଙ୍କ ସ୍ମୃତି ଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ, ବରିଷ୍ଠ ନେତା କାଳିଆ ରାଉଳ, ଅଶୋକ ପଟ୍ଟନାୟକ , ନଗର କଂଗ୍ରେସ ସଭାପତି ଜଲାଲ ଖାଁ,ଯୁବ ନେତା ବଳିଆ ବେହେରା,ଛାତ୍ର ନେତା ମହେଶ କୁମାର ଗୌଡ଼, ଚକ୍ରପାଣି ପଲେଇ, ହୃଷିକେଶ ବେହେରା, ଭବାନୀ ବେହେରା, ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇଥିଲେ।

## ଲୋକ ଅଦାଲତ ସଚେତନତା

କୋଦଳା,୨୦।୮ (ଅମିତ କୁମାର ପଟ୍ଟନାୟକ)

ସ୍ଥାନୀୟ ବିଚାରାଳୟ ପରିସରରେ କୋଦଳା ତାଲୁକା ସହାୟତା କମିଟି ଆନୁକୂଲ୍ୟରେ ଲୋକ ଅଦାଲତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକା କମିଟି ଅଧ୍ୟକ୍ଷ ଏଡିଜେ ଚିନ୍ମୟ ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାରପତି ବିମଳ ଲକ୍ଷ୍ମୀ ଚୌଧୁରୀ, ବରିଷ୍ଠ ଆଇନଜୀବୀ ଉଦୟ ନାଥ ପ୍ରଧାନ ଏବଂ ସୁବାଷ ଚନ୍ଦ୍ର ସାହୁ ଉପସ୍ଥିତ ରହି ଲୋକ ଅଦାଲତରେ ସାଧାରଣ ଲୋକମାନେ ଯେପରି ଆଇନର ସମସ୍ତ ସୁବିଧା ପାଇପାରିବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୋଦଳା ଓକିଲ ସଂଘର ଉପସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ଭଗବାନ ହୋତା, ପ୍ରଫୁଲ୍ଲ କୁମାର ମିଶ୍ର, ନୀଳାଞ୍ଚଳ ପଲାଇ, ସୋମନାଥ ବେହେରାଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

**ଶୁଣିଲାନି ପ୍ରଶାସନ**

# ରାସ୍ତା ମରାମତି କଲେ ଉପର ଡାଙ୍ଗଣାମାବାସୀ

ଫିରିଙ୍ଗିଆ,୨୦।୮ (ବିକ୍ରମ ବିଶାଳ)


ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

କନ୍ଧମାଳ ଜିଲାର ଅଧିକାଂଶ ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିବା ବେଳେ ଅନେକ ନଦୀନାଳ ଉପରେ ପୋଲ ମଧ୍ୟ ନିର୍ମାଣ ହୋଇପାରିନାହିଁ। ଫଳରେ ଯାତାୟାତ ପାଇଁ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷା ଦିନରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ମାଟି ରାସ୍ତା ଓ କଲଭର୍ଟ ସବୁ ଧୋଇ ହୋଇଯିବା ଦ୍ୱାରା ଦୁର୍ଗମ ଅଞ୍ଚଳର ଲୋକେ ଏକ ପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛନ୍ତି। ଏଭଳି ପରିସ୍ଥିତି ଦେଖାଦେଇଥିଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତର ଉପର ଡାଙ୍ଗଣାମା ଗ୍ରାମରେ। ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା ବର୍ଷାରେ ଧୋଇ ହୋଇଯାଇଥିଲା। ଏହାର ମରାମତି ପାଇଁ ପ୍ରଶାସନକୁ ଦାବିକରି ମଧ୍ୟ କୌଣସି ଫଳ ନ ମିଳିବାରୁ ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତା ମରାମତି କରିଛନ୍ତି। ସୂଚନାଯୋଗ୍ୟ, ଉପର ଡାଙ୍ଗଣାମା ଗ୍ରାମରେ ୩୦ ପରିବାର ରହୁଥିବା ବେଳେ ତଳ ଡାଙ୍ଗଣାମା ଗ୍ରାମରେ ପ୍ରାୟ ୩୫ ପରିବାର ରହୁଛନ୍ତି। ଏହି ଦୁଇ ଗ୍ରାମକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ନାହିଁ। ଏଠାରୁ ପଞ୍ଚାୟତ ମୁଖ୍ୟାଳୟ ପ୍ରାୟ ୫ କିମି ଦୂର। ୨୦ ବର୍ଷ ତଳେ ଗାଁକୁ ମାଟି ରାସ୍ତାଟିଏ ତିଆରି ହୋଇଥିଲା, ଯାହାର ଅବସ୍ଥା ଏବେ ଅତି ଶୋଚନୀୟ। ଗତ ଦିନର ଲଗାଣ ବର୍ଷାରେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଧୋଇ ହୋଇଯାଇଥିଲା। ଅନ୍ୟପକ୍ଷରେ ଗାଁ ନିକଟରେ ରହିଥିବା କେଡିଯୋଡି ନାଳ ଉପରେ ପୋଲ ନ ଥିବାରୁ ବର୍ଷାଦିନେ ଲୋକେ ବାହାରିପାରୁ ନାହାନ୍ତି। ତେଣୁ ଗ୍ରାମକୁ ସବୁଦିନିଆ ରାସ୍ତା ସହିତ କେଡିଯୋଡି ନାଳ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ନେଇ ଲୁଇସିଂ ସରପଞ୍ଚ ସୁଦର୍ଶନ କହଁରଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ତେବେ ଠିକାଦାରଙ୍କ ଅବହେଳା ଯୋଗୁ କାମ ହୋଇପାରୁ ନ ଥିବା ସେ କହିଛନ୍ତି।

# ପଥର ଚାଲାଣ ବେଳେ ଟ୍ରକ ଓଲଟି ୧ ମୃତ, ୩ ଗିରଫ

ଖଲ୍ଲିକୋଟ,୨୦।୮ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଅଞ୍ଚଳରେ ବେଆଇନ ପଥର ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ପଥର ଚାଲାଣ ହେଉଥିବା ବେଳେ ଗୌଡୁଣି ରାସ୍ତାରେ ଏକ ଟ୍ରକ ଓଲଟିଯିବାରୁ ଜଣେ ଖଲାସୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ପୁରୁଷୋତ୍ତମପୁର ଖଲ୍ଲିକୋଟ ଥାନା ଉପରବାଙ୍କୁଟ ଗାଁ ଅଭିମୁଖେ ଏକ ବଡ଼ ଟ୍ରକ ଯୋଗେ ବେଆଇନ ଭାବେ ପଥର ଚାଲାଣ ହେଉଥିଲା। କାଳୀ ଗୌଡୁଣି ରାସ୍ତାରେ ଟ୍ରକଟି ଓଲଟି ପଡ଼ିଥିଲା। ଫଳରେ ପଥର ଉପରେ ବସିଥିବା ଖଲାସୀ ବୁଲୁ ବେହେରା ପଥର ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ଅନ୍ୟ ଦୁଇଜଣ ଖଲାସୀଙ୍କ ସହ ଡ୍ରାଇଭର ମଧ୍ୟ ଆହତ ହୋଇଥିଲେ। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ପାରିଓପଡ଼ା ପଞ୍ଚାୟତ ଭାସ୍କରପୁର ଗ୍ରାମର ବୁଲୁ ବେହେରା। ଖବର ପାଇ ଜେଡିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ମୃତଦେହ ଜବତ କରି ଖଲ୍ଲିକୋଟ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ପଥର ଚାଲାଣ କରୁଥିବା ଲଙ୍ଗଳେଶ୍ୱର ଟେଲିଡ଼ିଆ ସାହିର ଚକ୍ରଧର ବେହେରାଙ୍କ, ଗାଡ଼ି ଭୁଖୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅନ୍ତର୍ଗତ ଲକ୍ଷ୍ମୀଧରପୁର ଗ୍ରାମର ବିପିନ ବରାଳ ଏବଂ ଡ୍ରାଇଭର ଦୀନବନ୍ଧୁପୁର ଗ୍ରାମର ଚନ୍ଦନ ପାତ୍ରଙ୍କୁ ପୋଲିସ ଗିରଫ କରଛି ବୋଲି ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି। ଖଲ୍ଲିକୋଟ ଥାନା କେସ ନମ୍ବର ୫୮୪/୨୦୨୩ ଅନୁଯାୟୀ ମାମଲା ରୁଜୁ ହୋଇଛି।

**ପ୍ରେମିକା ଛାତ୍ରୀଙ୍କ ମୃତ୍ୟୁ ଘଟଣା**

# ଟ୍ୟୁଶନ ଶିକ୍ଷକ କୋର୍ଟଚାଲାଣ

ବେଲଗୁଣ୍ଠା,୨୦।୮ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ପ୍ରେମିକ ଟ୍ୟୁଶନ ଶିକ୍ଷକଙ୍କ ନିକଟକୁ ଯାଇ ଛାତ୍ରୀଙ୍କ ମୃତ୍ୟୁ ହେବା ଘଟଣାରେ ରବିବାର ଗାଙ୍ଗପୁର ପୋଲିସ୍ ପ୍ରେମିକ ଶିକ୍ଷକ ଶ୍ୟାମଘନ ଗୌଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ପ୍ରକାରେ ଶନିବାର ସକାଳେ ମୁଜାଗଡ଼ ଗ୍ରାମର ଫିରୋଜକାନ୍ତ ସାହୁ ନିଜ ଝିଅ ଜ୍ୟୋତିରେଖା(୨୮)ଙ୍କୁ କ୍ଷତ୍ରିୟବରପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ ତଥା ତାଙ୍କ ଝିଅର ପୂର୍ବତନ ଟ୍ୟୁଶନ ଶିକ୍ଷକ ଶ୍ୟାମଘନ ଗୌଡ଼ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଏବଂ ଏସ୍ଆଇ ଆର୍ତ୍ତତ୍ରାଣ ଦାନୀ ମେଡିକାଲ୍‌ରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ଏଫ୍ଏମ୍‌ସିକୁ ପଠାଇବା ସହିତ ୬୧୫/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ପ୍ରେମିକ ଶିକ୍ଷକ ମୋବାଇଲ୍ ବନ୍ଦ ଥିବା ବେଳେ ସେ ନିଜ ଗ୍ରାମ ସୋରଡା ବ୍ଲକ ରେଣ୍ଟିରେ ଥିବା ଖବର ପାଇ ପୋଲିସ ସେଠାରୁ ତାଙ୍କୁ ଗିରଫ କରି ଆସିକା କୋର୍ଟଚାଲାଣ କରିଥିଲା। ତେବେ ଶ୍ୟାମଘନ କହିଛନ୍ତି ଯେ, ସେ ବିବାହିତ ହୋଇଥିବା ସ୍ଥଳେ ଜ୍ୟୋତିରେଖା ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଏନେଇ ତାଙ୍କୁ ବାରମ୍ବାର ବୁଝାଇଥିଲି। ତେବେ ଶନିବାର ଜ୍ୟୋତିରେଖା ବାହାରୁ ବିଷ ପିଇଦେଇଥିବା ଜଣାଇବା ପରେ ତାଙ୍କୁ ଗୋବରା ମେଡିକାଲ୍‌ରେ ଭର୍ତ୍ତି କରିଥିଲି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଭୟରେ ସେଠାରୁ ଚାଲିଯାଇଥିଲି।

# ବିଜେଡ଼ିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ

ନୂଆଗଡ଼,୨୦।୮ (ଯୋଗ୍ୟବନ୍ତ ପରିଚ୍ଛା)

ଗଜପତି ଜିଲା ନୂଆଗଡ଼ ବ୍ଲକ ନଦୀମୁଠା ଅଞ୍ଚଳ ଉଦୟପୁର ପଞ୍ଚାୟତର ପୁରୁଣାସାହିଠାରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବରିଷ୍ଠ ବିଜେଡି କର୍ମୀ ତଥା ସୁନ୍ଦରଡାଙ୍ଗ ସରପଞ୍ଚ ପ୍ରେମା ମାଝିଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ଜିଲା ସଭାପତି ଜଗବନ୍ଧୁ ଦାସ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ଗବରା ତିରୁପତି ରାଓ, ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ଯୋହନ ମାଝି ସମେତ ବିଜେଡ଼ିର ଜିଲା ଓ ବ୍ଲକ ସ୍ତରୀୟ ପଦାଧିକାରୀ ଏବଂ ଅଞ୍ଚଳର ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ସଭାରେ ସ୍ଥାନୀୟ ସମସ୍ତ ଗ୍ରାମବାସୀ ଏବଂ ପୋଡ଼ସି ଗ୍ରାମର ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କୁ ବିଜେଡିର ଜିଲା ଏବଂ ବ୍ଲକ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ଦଳର ଉତ୍ତରୀୟ ଦେଇ ଦଳରେ ସାମିଲ କରାଇଥିଲେ।

# ଲାୟନ୍ସ କ୍ଲବର ଅଧିଷ୍ଠାନ, ସଭ୍ୟ ଗ୍ରହଣ କାର୍ଯ୍ୟକ୍ରମ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

କବିସୂର୍ଯ୍ୟନଗର,୨୦।୮ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନ୍ୟାଶନାଲ ଫର୍ମାସୀ ଠାରେ କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ପକ୍ଷରୁ ନୂତନ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାୟନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭିଡିଜି –୧ ଲାୟନ ସରସ୍ୱତୀ ପାତ୍ର, ମୁଖ୍ୟ ବକ୍ତା ପିଡ଼ିଜି ଲାୟନ ହରିହର ଦାସ ଓ ସମ୍ମାନିତ ଅତିଥି ରିଜିଓନାଲ ଚେୟାରପରସନ ଲାୟନ ଇଂ. ଦିଲୀପ କୁମାର ଖଣ୍ଡୁଆଳ ଯୋଗ ଦେଇ ଅଧିଷ୍ଠାନ, ସଭ୍ୟ ଗ୍ରହଣ କାର୍ଯ୍ୟ ସମାପନ କରିଥିଲେ । ନୂତନ ସଭାପତି ଭାବେ ଲାୟନ ସୁନିତା ମିଶ୍ର, ସମ୍ପାଦକ ଲାୟନ ସୁପ୍ରଭା ଶତପଥୀ, କୋଷାଧ୍ୟକ୍ଷ ଲାୟନ ମୁକ୍ତିସୁଧା ମାଝୀ ଓ ନୂତନ ସଭ୍ୟ ଭାବେ ଲାୟନ ଇଂ. କୃପାସିନ୍ଧୁ ସ୍ୱାଇଁଙ୍କୁ କ୍ଲବର ନିତିନିୟମ ବ୍ୟାଖ୍ୟା କରିବା ସହ ଶପଥ ଗ୍ରହଣ କରାଇଥିଲେ ପିଡିଜି ଲାୟନ ଦାସ । ପ୍ରାକ୍ତନ ସଭାପତି ଲାୟନ ଇ. ମାହେଶ୍ୱରୀ ଦୋରା ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ଲାୟନ ନଚିକେତା ସ୍ୱାଇଁ, ଲାୟନ ସୁକୁମାର ମାଝୀ, ଲାୟନ ରାଜେନ୍ଦ୍ର ପ୍ରସାଦ ମାଝୀ, ଲାୟନ ଭାଗିରଥି ଶତପଥୀ, ଲାୟନ ପୁଷ୍ପାଞ୍ଜଳି ମହାପାତ୍ର, ଶିଳ୍ପାଉଦ୍ୟୋଗୀ ଲାୟନ ଶ୍ୱେତ ଦୋରା, ବରିଷ୍ଠ ଆଇନଜୀବୀ ଲାୟନ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନବ ନିଯୁକ୍ତ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସଦସ୍ୟ କାମ କରିବାକୁ ମୁଖ୍ୟ ଅତିଥି ପ୍ରେରଣା ଦେଇଥିଲେ।

# ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୁଗୁଡା,୨୦।୮ (କାଳି ଚରଣ ଦାଶ)

ବୁଗୁଡା ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସ ପକ୍ଷରୁ ୬ଷ୍ଠ ତମ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, ଉପ-କୋଷାଗାର ଅଧିକାରୀ ମଞ୍ଜୁଳା କୁମାରୀ ପଣ୍ଡା, ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ କାଳି ଚରଣ ନାୟକ, ଏସ୍.ରଘୁନାଥ ଦୋରା, ବିପ୍ର ଚରଣ ପାଢୀ, ବିଶ୍ୱନାଥ ଖଟେଇ, ପୁରୁଷୋତ୍ତମ ନାୟକ, ରାମକୃଷ୍ଣ ସାହୁ, ଗୁରୁନାଥ ପ୍ରଧାନ, ବିଜୟ କୁମାର ପାତ୍ର, ଦେବରାଜ ପଣ୍ଡା, ଦିଗାମ୍ବର ସୁବୁଦ୍ଧି, ପରମହଂସ ଦାଶ, ଉପେନ୍ଦ୍ର ପଟ୍ଟନାୟକ, ହିମାଂଶୁ କୁମାର ଦାଶ, ଜବାହରଲାଲ ଖାଡ଼ଙ୍ଗା ପ୍ରମୁଖ ୧୪ଜଣଙ୍କୁ ଶିକ୍ଷକ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପୂର୍ବରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନନ୍ତ କର ବେଦପାଠ ଏବଂ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ର ବିବରଣୀ ପାଠ କରିଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୩ କୁଇଣ୍ଟାଲ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୦।୮ (ଗିରିଧାରୀ ପରିଛା)

ଗଜପତି ଜିଲା ମୋହନା ପୋଲିସକୁ ମିଳିଛି ବଡ଼ଧରଣର ସଫଳତା। ରବିବାର ମଧୁରଆମ୍ବ ଛକ ନିକଟରେ ଚଢ଼ାଉ କରି ୪୩ କୁଇଣ୍ଟାଲ ୪୯କେଜି ଗଞ୍ଜେଇ କରିଛି। ଏହାର ଆନୁମାନିକ ମୂଲ୍ୟ ୪ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠିଙ୍କ ନେତୃତ୍ୱରେ ରବିବାର ଅପରାହ୍ଣରେ ମୋହନା ପୋଲିସ ପକ୍ଷରୁ ଲୁହାଗୁଡ଼ି ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଏକ ମିନି ଟ୍ରକକୁ ସନ୍ଦେହ କରି ଯାଞ୍ଚ କରିଥିଲା ପୋଲିସ। ସେଥିରୁ ୪୩ କୁଇଣ୍ଟାଲ ୪୯ କେଜି ଗଞ୍ଜେଇ ଜବତ କରିଥିଲା। କିନ୍ତୁ କୌଶଳ କ୍ରମେ ଡ୍ରାଇଭର ସହ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକଟିକୁ ଜବତ କରିଛି। ସୋମବାର ଘଟଣାର ସବିଶେଷ ତଥ୍ୟ ଏସ୍‌ପି ଜଣାଇବେ ବୋଲି ମୋହନା ପୋଲିସ କହିଛି।

# ସେବାନିବୃତ୍ତ ଅଧିକାରୀ ଯୁବପିଢ଼ିଙ୍କ ପାଇଁ ପ୍ରେରଣା

ଗଞ୍ଜାମ(ବିଦ୍ୟାଧର ସାହୁ)/ରମ୍ଭା (ବନବାସୀ ସେଠୀ) ୨୦।୮

ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୫ତମ ବାର୍ଷିକ ଉତ୍ସବ ରମ୍ଭା ସହର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବାନାମ୍ବର ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ଲୋକସେବକ ମଣ୍ଡଳ ମୁଖ୍ୟ ନିରଞ୍ଜନ ରଥ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିବା ସହ ସେବାରୁ ନିବୃତ୍ତ କର୍ମଚାରୀ ଯୁବପିଢ଼ିମାନଙ୍କ ପାଇଁ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପଦ୍ମଶ୍ରୀ ଡ଼କ୍ଟର କୃଷ୍ଣମୋହନ ପାଠି, ସମ୍ମାନିତ ଅତିଥିଭାବେ ଗଞ୍ଜାମ କଲେଜ ଅଧ୍ୟକ୍ଷ ଡ଼. ପ୍ରବୀଣ କୁମାର ନନ୍ଦ, କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ଡେପୁଟି କମିଶନର ବିନୋଦ କୁମାର ବେହେରା, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ତ୍ରିପାଠୀ, ସ୍ୱସ୍ତିକ ସୁନ୍ଦର, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସୁଖସମୃଦ୍ଧି କାମନା ସହ ବିକାଶଶୀଳ ରାଷ୍ଟ୍ର ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଚଳିତବର୍ଷ ଓ ଗତବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ଗଞ୍ଜାମ ଅଞ୍ଚଳର ସମସ୍ତ ଯୁବବ୍ୟକ୍ତିତ୍ୱ, ଦୁଃସାହସିକ ସମୁଦ୍ର କ୍ରୀଡାବିତ୍ ମନସ୍ୱିନୀ ମହାରଣା, ଚଳିତବର୍ଷ ବିଭିନ୍ନ ବିଦ୍ୟାଳୟର ଦଶମ ଶ୍ରେଣୀ ଟପ୍ପର, ବରିଷ୍ଠ ନାଗରିକ ଅବସରପ୍ରାପ୍ତ କୃଷି ଅଧିକାରୀ ଜାମ୍ବବ ନାହାକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅବସରପ୍ରାପ୍ତ ସଂଘର ସଦସ୍ୟ ସ୍ୱର୍ଗତ ପୀତାମ୍ବର ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ବାଳକୃଷ୍ଣ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୌରୀ ଶଙ୍କର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମର ସୁପରିଚାଳନା ହୋଇଥିଲା।

# ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରସ୍ତୁତି

ଖଲ୍ଲିକୋଟ,୨୦।୮ (ପ୍ରଶାନ୍ତ କୁମାର ମିଶ୍ର)

୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଖଲ୍ଲିକୋଟ ଗସ୍ତ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରସିଏମ କଲେଜ ଖେଳ ପଡିଆରେ ଜନ ଅଭିଯୋଗ ଶୁଣାଣିରେ ଯୋଗଦେବେ। ଏହାକୁ ସଫଳ କରିବା ପାଇଁ ରବିବାର ବିଜେଡି ପକ୍ଷରୁ ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ପ୍ରଦୀପ ଅମାତ ବୈଠକରେ ଉପସ୍ଥିତ ରହି ୫-ଟି ସଚିବଙ୍କୁ କିଭଳି ଶୃଙ୍ଖଳିତ ଭାବେ ଅଭିଯୋଗ ପତ୍ର ପ୍ରଦାନ କରିବେ ସେ ବିଷୟରେ ଜନପ୍ରତିନିଧିମାନଙ୍କୁ ବୁଝାଇଥିଲେ। ବୈଠକରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି କାର୍ଯ୍ୟାଳୟ ସମ୍ପାଦକ ମନୋଜ କୁମାର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ବିଜେଡି ରାଜ୍ୟ ମହିଳା ସାଧାରଣ ସମ୍ପାଦକ ସୁଜାତା ପାତ୍ର, ଜିଲା ବିଜେଡିଉପସଭାପତିଦିଗାମ୍ବର ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ସାବତ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଉପାଧ୍ୟକ୍ଷ ଭାରତୀ ମହାରଣା, ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ଉପାଧ୍ୟକ୍ଷ ଲିଲି ସାହୁ, ବିଜେଡି ବ୍ଲକ ମହିଳା ସଭାପତି ମିତାଞ୍ଜଳି ମିଶ୍ର ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମୃତ

ଗଞ୍ଜାମ, ୨୦।୮ (ବିଦ୍ୟାଧର ସାହୁ )

ଗଞ୍ଜାମ ଥାନା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁସ୍ଥିତ ଏକ ଢ଼ାବା ସମ୍ମୁଖରେ ଦୁର୍ଘଟଣା ଘଟି ଜଣେ ୮ମ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଲକ୍ଷ୍ମୀନାରାୟଣ ବେହେରା। ଲକ୍ଷ୍ମୀନାରାୟଣ ଏକ ବାଇକ ଯୋଗେ ଯାଉଥିବା ବେଳେ ଗୋଟିଏ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ଟ୍ରକଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ସ୍ଥଳରୁ ତାଙ୍କ ପର୍ସ ଓ ମୋବାଇଲରୁ ସେ ଅଷ୍ଟମ ବାଟାଲିୟନରେ ଚାକିରି କରୁଥିବା ଜଣାପଡ଼ିଛି। ଗଞ୍ଜାମ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ଏସଆଇ କେ.ଏମ ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଟ୍ରକଟିକୁ ଜବତ କରିଛନ୍ତି।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ବୁଗୁଡ଼ା,୨୦।୮ (କାଳି ଚରଣ ଦାଶ)

ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ବୁଗୁଡ଼ା ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତମ ସ୍ୱାଇଁ। ଯୁବତୀ ଏବଂ ଉତ୍ତମ ଉଭୟେ ଆନ୍ଧ୍ରପ୍ରଦେଶର ଏକ ସୂତାକଳରେ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ଉଭୟେ ଏକ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ସେମାନେ ସୁରଟକୁ ଯାଇ ସେଠାରେ କାମ କରୁଥିଲେ। ୬ମାସ ପରେ ସେମାନେ ଉତ୍ତମଙ୍କ ଗାଁକୁ ଆସିବା ପାଇଁ ସୁରଟରୁ ଆସି ବ୍ରହ୍ମପୁରରେ ନ ଓହ୍ଲାଇ ଭୁବନେଶ୍ୱରରେ ଓହ୍ଲାଇ ଥିଲେ। ଏ ନେଇ ଯୁବତୀ ଉତ୍ତମଙ୍କୁ ପ୍ରଶ୍ନ କରିବାରୁ ପ୍ରଥମେ ଭାଇଙ୍କ ଘରକୁ ଯାଇ ସେଠାରୁ ଗାଁକୁ ଯିବା ବୋଲି କହିଥିଲେ। ସେ ଦୁହେଁ ଭାଇଙ୍କ ଘରକୁ ଯାଇଥିଲେ। ସେଠାରେ ତାଲା ପଡିଥିବାରୁ ପୁଣି ବସରେ ବ୍ରହ୍ମପୁରକୁ ଫେରିଥିଲେ। ଶୌଚାଳୟକୁ ଯାଇ ଆସୁଛି କହି ଉତ୍ତମ ଯୁବତୀଙ୍କୁ ଛାଡି ପଳାଇଥିଲେ।

# ନିମ୍ନମାନର ଚେକଡ୍ୟାମ କରି ଅର୍ଥ ଆତ୍ମସାତ

**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ**

ପୋଲସରା,୨୦।୮ (ସୁବ୍ରତ ବେହେରା)

ଢୁଙ୍କାପଡ଼ା ପଞ୍ଚାୟତରେ କଲଭର୍ଟ ନିର୍ମାଣ ନାଁରେ ଅର୍ଥ ତୋଷରପାତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚାଷ ଜମିକୁ ପାଣି ଯୋଗାଣ ନିମନ୍ତେ କଲଭର୍ଟ ନିର୍ମାଣ କରାଯାଇଛି। କିନ୍ତୁ ଏହା କେବଳ କାଗଜପତ୍ରରେ ଦର୍ଶାଯାଇଛି। ବଡଦିଆପଲ୍ଲୀ ପାଣି ଟାଙ୍କି ରାସ୍ତାଠାରୁ ପାହାଡ଼ ରାସ୍ତାରେ କାର୍ଯ୍ୟାଦେଶ ନମ୍ବର ୧୦୫୫୭୩୮ ରହିଥିବା ବେଳେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅନଲାଇନ୍‌ରେ ଦର୍ଶାଯାଇଛି। କିନ୍ତୁ ସେଠାରେ କୌଣସି କଲଭର୍ଟ ନିର୍ମାଣ ହୋଇ ନାହିଁ କି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଉକ୍ତ ପ୍ରକଳ୍ପ ନାମରେ ୨୪ ଜବକାର୍ଡ଼ ଧାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ଦର୍ଶାଯାଇଛି। ସେଥିମଧ୍ୟରୁ ୧୩ ଜଣ ହେଉଛନ୍ତି ଢୁଙ୍କାପଡ଼ା ପଞ୍ଚାୟତର ସମିତି ସଭ୍ୟା ସଂଯୁକ୍ତା ବାଡତ୍ୟାଙ୍କ ସ୍ୱାମୀ ରତ୍ନାକର ବାଡ଼ତ୍ୟା, ଦିବାକର ବାଡତ୍ୟା, ପ୍ରଭାକର ବାଡତ୍ୟା, ଝିଲି ବାଡ଼ତ୍ୟା, ଶଶି ବାଡ଼ତ୍ୟା, କ୍ଷୀର ବାଡ଼ତ୍ୟା, ରାମ ନାହାକ, ସନ୍ତୋଷ ସମୁଦ୍ର, ଚିତ୍ରସେନ ସ୍ୱାଇଁ, ନିରଞ୍ଜନ ବାଡ଼ତ୍ୟା ଭଳି ଜବକାର୍ଡଧାରୀଙ୍କ ଖାତାକୁ ୧ଲକ୍ଷ ୫ହଜାର ୪୬୫ ଟଙ୍କା ପଠାଇଯାଇଛି। ସ୍ଥାନୀୟ ସରପଞ୍ଚ ଓ ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଉକ୍ତ ଟଙ୍କା ହଡ଼ପ କରିନେଇଥିବା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେହିପରି ଢୁଙ୍କାପଡ଼ା ଗ୍ରାମର ମଝିନାଳଠାରୁ ଚଣ୍ଡିପଦର ମଧ୍ୟରେ ଥିବା ସୁଣ୍ଡିନାଳ ଉପରେ ଚେକ୍ ଡ୍ୟାମ ନିର୍ମାଣ ନାମରେ ୨୦୨୨-୨୩ରେ ଅଟକଳ ମୂଲ୍ୟ ୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଫଳକରେ ଦର୍ଶା ଯାଇଛି। କିନ୍ତୁ ପୂର୍ବରୁ ଉକ୍ତ ଜାଗାରେ ପୁରୁଣା ଚେକଡ୍ୟାମ୍‌ର କିଛି ଅଂଶକୁ ଭାଙ୍ଗି ଚଞ୍ଚକତା କରି ସେହି ଡ୍ୟାମକୁ ମିଶାଇ ଅତି ନିମ୍ନମାନର କାର୍ଯ୍ୟ କରି ୧ଲକ୍ଷ ୩୨ହଜାର ୪୮୩ ଟଙ୍କା ଅର୍ଥ ଆତ୍ମସାତ କରାଯାଇଛି। ଫଳରେ ନିର୍ମାଣ କରିବାର ୧୦ ଦିନ ବିତି ନଥିଲେ ମଧ୍ୟ କଲଭର୍ଟ ଟି କେନାଲ ପାଣିରେ ଧୋଇ ଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ମହା ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏ ନେଇ କୌଣସି ଅଭିଯୋଗ ଆସିନାହିଁ ବୋଲି ଢୁଙ୍କାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ କୁମାର ମହାରଣା କହିଛନ୍ତି।


ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସାର କଳାବଜାର, ଚାଷୀକୁଳ ହତାଶ

ଯାଜପୁର,୨୦।୮
(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ନଦୀ ତଟବର୍ତ୍ତୀ ଅଞ୍ଚଳରେ ବନ୍ୟା ଦାଉ ସାଧିବା ପରେ ଅତ୍ୟଧିକ ସାର ଦର ବୃଦ୍ଧି ଏବଂ କଳାବଜାରକୁ ନେଇ ଏବେ ଜିଲାର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି । ବର୍ଷାପରେ ଚାଷକାର୍ଯ୍ୟ ଜୋରସୋର ଚାଲିଥିବାରୁ ଲାଭଖୋର ସାର ବେପାରୀମାନେ ନିର୍ଦ୍ଧାରିତ ସରକାରୀ ଦରଠାରୁ ବହୁ ଅଧିକ ମୂଲ୍ୟରେ ସାର ବିକ୍ରୀ କରୁଥିବାରୁ ଚାଷୀକୂଳ ହତାଶ ହୋଇ ପଡିଛନ୍ତି । ମାର୍କଫେଡ ଜରିଆରେ ଜିଲାର ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ଏବଂ ନିଯୁକ୍ତ ଡିଲରମାନଙ୍କୁ ବିଭିନ୍ନ ସାର ଯୋଗାଇ ଦିଆଯାଉଛି। କିନ୍ତୁ କେତେଜଣ ଡିଲର ସବ୍‌ସିଡି ହଡପ ପାଇଁ କେତେକ ଖୁଚୁରା ବ୍ୟବସାୟୀମାନଙ୍କୁ ଯୋଗାଇ ଦେଇ ଅଧିକ ଲାଭ ରଖୁଛନ୍ତି। ଫଳରେ ଚାଷୀଙ୍କ ପାଖକୁ ସାର ପହଞ୍ଚିଲା ବେଳକୁ ନିର୍ଦ୍ଧାରିତ ଦରଠାରୁ ବହୁ ଗୁଣ ଅଧିକ ଦରରେ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ କଳାବଜାରୀ ସମ୍ଭାବନା କମ ଥିବା ପାକ୍ସଗୁଡିକୁ ମାର୍କଫେଡ ଜାଣିଶୁଣି ଆବଶ୍ୟକ ମୁତାବକ ସାର ଯୋଗାଇ ଦେଉ ନ ଥିବା ମଧ ମତପ୍ରକାଶ ପାଇଛି।

ଚଳିତ ଖରିଫ ଋତୁରେ ପାକ୍ସଗୁଡିକରେ ୮୪୯୯ ମେଟ୍ରିକ ଟନ(ଏମଟି) ସାର ଯୋଗାଇବାକୁ ନିର୍ଦ୍ଧାରିତ ହୋଇଛି। ହେଲେ ଗତ ୧।୪।୨୦୨୩ ରୁ ୧୮।୮।୨୦୨୩ ପର୍ଯ୍ୟନ୍ତ ଜିଲାର ୬୨ଟି ପାକ୍ସଗୁଡିକ ମାତ୍ର ୧୮୨୯.୩୮ ଏମଟି ସାର ଉଠାଇ ପାରିଛି। ଏଥିରେ ସର୍ବାଧିକ ଚାହିଦା ଥିବା ୟୁରିଆ ୮୨୦.୩୦୫ ଏମଟି, ଡିଏପି ୭୫୦.୦୫ ଏମଟି, ଏମଓପି ୧୨୭.୫ ଏମଟି, ଏନପିକେଏସ୍ ୩୬ ଏମଟି, ସିଆଇଏଲ ୨୮-୨୮ ସାର ୯୦.୫ ଏମଟି ଓ ଇଫକୋ ୫ ଏମଟି ସାର ରହିଛି। ମାର୍କଫେଡର ପରିଚାଳନା ନିର୍ଦ୍ଦେଶକ ସମସ୍ତ ଏରିଆ ମେନେଜର ଓ ଗୋଦାମ ମେନେଜରମାନଙ୍କୁ ଗୋଦାମ ବ୍ୟବସ୍ଥା କରିବା ସହିତ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିବର୍ଷ ସରକାର ଏପରି ଭାବେ ଚାଷୀଙ୍କ ପାଇଁ ୟୁରିଆ ସହ ଅନ୍ୟାନ୍ୟ ସାର ଯୋଗାଇ ଦେଉଛନ୍ତି । ବିଶେଷ କରି ପାକ୍ସଗୁଡିକରେ ଆବଶ୍ୟକ ଅନୁଯାୟୀ ଗୋଦାମ ଗୃହ ନ ଥିବାରୁ ଚାହିଦା ମୁତାବକ ସାର ଉଠାଉ ନ ଥିବା ଜଣାପଡିଛି। ଫଳରେ ଚାଷୀ ବାଧ ହୋଇ କେଜି ପ୍ରତି ପ୍ରାୟ ୧୦ଟଙ୍କା ଚଢା ଦରରେ ୟୁରିଆ ସାର ଖୁଚୁରା ବ୍ୟବସାୟୀଙ୍କ ଠାରୁ କିଣୁଛନ୍ତି । ଚାହିଦା ମୁତାବକ ସାର ଅଭାବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିବାବେଳେ ବର୍ତ୍ତମାନ ପରିସ୍ଥିତିରେ ଧାନ ଚାଷ ପାଇଁ ପ୍ରଥମ ସାର

**ଆବଶ୍ୟକ ୮୪୯୯ ଏମ୍‌ଟି, ମିଳିଛି ୧୮୨୯.୩୫୫ ଏମ୍‌ଟି**




ପ୍ରୟୋଗ ସମୟ । ସବୁଜ ବିପ୍ଳବ ନାମରେ ସରକାର ଯେଉଁ ରାସାୟନିକ ସାରର ବ୍ୟବହାର କରିବା ପାଇଁ ପ୍ରବର୍ତ୍ତାଇଥିଲେ ତାହା ଏବେ ଚାଷୀଙ୍କ ପାଇଁ କାଳ ହୋଇଛି । ଧାନ ଫସଲରେ ମାତ୍ରାଧିକ ସବୁଜିମା ଓ ଅଧିକ ଅମଳ ଆଶାରେ ଚାଷୀ ଚାଷ ଜମିରେ ବ୍ୟାପକ ଭାବରେ ବିଭିନ୍ନ ସାର ବ୍ୟବହାର କରୁଛନ୍ତି। ପ୍ରକୃତ ପକ୍ଷେ କହିବାକୁ ଗଲେ ଅଞ୍ଚଳର ଚାଷୀଙ୍କୁ ଏକ ପ୍ରକାର ସାରର ଅଭ୍ୟାସ ଲଗେଇ ଦିଆଯାଇଛି। ଫଳରେ ଗ୍ରାମାଞ୍ଚଳ ଚାଷୀଙ୍କୁ ଲାଇସେନ୍ସ ନ ଥିବା ଖୁଚୁରା ବିକ୍ରେତାମାନେ ସାରର କଳାବଜାର କରି ଚଢ଼ାଦରରେ ବିକ୍ରୀ କରୁଛନ୍ତି । ଚଷୀମାନେ ରୁଆପୋତା କାର୍ଯ୍ୟ ସମୟରେ ଆବଶ୍ୟକ ଥିବା ଗ୍ରୋମର, ଡିଏପି, ୟୁରିଆ, ପଟାସ ଆଦି ଉପଯୁକ୍ତ ଦର ଏବଂ ଠିକ ସମୟରେ ନ ମିଳିବା ଦ୍ୱାରା ଚାଷ କାମ ଅଟକି ରହିଛି। ଜିଲାର ଯଖପୁରା, ରାଣୀପଡା, ଦୁଧୁଝରି, ପ୍ରଥମାଖଣ୍ଡି, ସିଂହପୁର, ନଥୁଆବର, ଓଡିଶୋ, ବ୍ରହ୍ମବରଦା, ମୁଗୁପାଳ, ସାମନ୍ତପୁର, ପହଙ୍ଗା, ଅଣକା, ସାଉଡିଆ, ଚାରିନଙ୍ଗଳ ରାଇପୁର ଇତ୍ୟାଦି ପାକ୍ସଗୁଡିକରେ ଏଯାଏ ଦୁଇ ଅଙ୍କ ପର୍ଯ୍ୟନ୍ତ ସାର ଉଠାଇ ପାରିନାହିଁ। ଫଳରେ ସଂପୃକ୍ତ ଅଞ୍ଚଳର ଚାଷୀମାନେ ଖୁଚୁରା ବେପାରୀଙ୍କଠାରୁ ଚଢା ଦରରେ ସାର କିଣି ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଏହି ସମୟରେ ସାର ପ୍ରୟୋଗ ନ କଲେ ଉତ୍ପାଦନ ୫୦ ପ୍ରତିଶତ ହ୍ରାସ ପାଇବା ସମ୍ଭାବନା ରହିଛି । ତେଣୁ ଚାଷୀ ସାର ପାଇଁ ବିକଳ ଅବସ୍ଥାରେ ରହିଥିବାବେଳେ ସାର ବ୍ୟବସାୟୀମାନେ ୟୁରିଆ ସାରର ଉପରୋକ୍ତ ସବସିଡିକୁ ହଡପ କରିବା ଓ ସାର କୃତ୍ରିମ ଅଭାବୀ ପରିସ୍ଥିତି ସୃଷ୍ଟି କରି କଳାବଜାର କରିବାକୁ ଯୋଜନା କରିଛନ୍ତି। ଏହି ପରିସ୍ଥିତିରେ ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବାରେ କୃଷି ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ଚାଷୀଙ୍କ ପାଇଁ ସାର ବିକ୍ରୀ କରାଇବା ବିଭାଗର ପ୍ରଥମ ଦାୟିତ୍ୱ । ଏହି ଦାୟିତ୍ୱ ବିଭାଗ ନିର୍ବାହ କରୁନାହିଁ । ସାର ଲୁଚାଇ ରଖିବା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ସେ ବ୍ୟବସାୟୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀ ମହଲରେ ଦାବି ହେଉଛି । ମାଧପୁର ଗ୍ରାମର ଚାଷୀ ଗୋପୀନାଥ ବିଶ୍ୱାଳ ଓ ଜଳେଶ୍ୱର ଗ୍ରାମର ଚାଷୀ ସୁବାସ ରାଉତଙ୍କ କହିବା ଅନୁସାରେ ସେମାନେ ୫୦ କେଜି ପ୍ୟାକେଟ ନାଗାର୍ଜୁନ ୟୁରିଆ ସାରର ସରକାରୀ ଦର ୨୭୯ ରହିଥିବାବେଳେ ସେମାନଙ୍କୁ ୩୭୦ ଟଙ୍କାରୁ ଉର୍ଦ୍ଧ୍ୱ ଦରରେ କିଣିବାକୁ ପଡୁଛି। ସେହିପରି ଇଫକୋ ସାର ଦର ୨୬୯ ରହିଥିବାବେଳେ ୩୩୦ ଟଙ୍କା ଦେବାକୁ ପଡୁଛି। ଏଭଳି ଭାବେ ମାର୍କଫେଡ ଏବଂ ନୀରିକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଡିଲରମାନଙ୍କ ଅସାଧୁ ମେଣ୍ଟ ରହିଥିବାରୁ ଖୁଚୁରା ବେପାରୀ ସଂଖ୍ୟା ବଢିବା ସହ ଚାଷୀ ଶୋଷଣର ଶିକାର ହେଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ଶରତ ଚନ୍ଦ୍ର ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଗୋଦାମ ଗୃହ ଅଭାବରୁ ଆବଶ୍ୟକ ସାର ଉଠାଯାଇ ପାରିନାହିଁ। ତେବେ ସାରର କଳାବଜାରକୁ ନିୟନ୍ତ୍ରଣ କରିବାକୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।

## ଚର୍ଚ୍ଚାରେ ନୂଆଗାଁଠାରେ ଡ୍ରାଇଭରଙ୍କୁ ଲଙ୍ଗଳା ଭିଡିଓ

କେନ୍ଦ୍ରାପଡ଼ା, ୨୦।୮ (ଜଗନ୍ନାଥ ଧଳ)

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର କେନ୍ଦ୍ରାପଡ଼ା ଜିଲା ଅଞ୍ଚଳରେ ଦୁର୍ବୃତ୍ତମାନଙ୍କ ଟ୍ରକ ଚାଳକଙ୍କୁ ଆକ୍ରମଣ ଓ ଅସୌଜନ୍ୟ ବ୍ୟବହାର ଦିନକୁଦିନ ବଢ଼ିବାରେ ଲାଗିଛି । ଟ୍ରକ ଅଟକାଇ ଲୁଟ କରିବାଠାରୁ ଆରମ୍ଭ କରି ମାଡଗୋଳ କରିବା ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି କରିଛି। ପୂର୍ବରୁ ଲୁଟତରାଜ ଓ ମାଡଗୋଳ ହେଉଥିବା ବେଳେ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଲଙ୍ଗଳା କରି ବୁଲାଇବା ପରି ଘଟଣାର ଏକ ଭିଡିଓ ଏବେ ଜିଲାରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ମାର୍ଶାଘାଇ ଥାନା ଯଦୁପୁର ଗଡ଼ା ନୂଆଗାଁ ଅଞ୍ଚଳର ବୋଲି ଆଲୋଚନା ହେଉଛି। ଭିଡିଓ ଦୃଶ୍ୟ ଅନୁଯାୟୀ, କେତେଜଣ ଦୁର୍ବୃତ୍ତ ଡ୍ରାଇଭରକୁ ରାସ୍ତାରେ ମାଡ଼ ମାରିବା ସହ ନିକଟସ୍ଥ ଏକ ନିକାଞ୍ଚନ ସ୍ଥାନକୁ ନେଇ ଦେହରୁ କପଡ଼ାକୁ ଜୋର ଜବରଦସ୍ତ ଓହ୍ଲାଇଛନ୍ତି। ସେହିପରି ଚାଳକ କାନ ଧରି ଉଠବସ ହେବା ମଧ୍ୟ ଏହି ଭିଡିଓରେ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୂଚନା ମୁତାବକ, ରାଜପଥରେ ଏପରି ଦୁର୍ବୃତ୍ତମାନେ ବାରମ୍ବାର ଅପରାଧିକ ଘଟଣା ସୃଷ୍ଟି କରୁଥିଲେ ମଧ ଜିଲା ପୋଲିସ ଏଥିରେ ହସ୍ତକ୍ଷେପ କରୁନାହିଁ।



ଦୁର୍ବୃତ୍ତମାନେ ରାଜପଥ ଉପରେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ ମାରୁଛନ୍ତି।

## ପେଟ୍ରୋଲ ଜବତ, ମାଲିକଙ୍କ ସମେତ ୨ ଗିରଫ



ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ପେଟ୍ରୋଲ।

ମାର୍ଶାଘାଇ,୨୦।୮
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ କ୍ରସିଂ ଛକରେ ଥିବା ଏକ ପେଟ୍ରୋଲ ପମ୍ପରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ କଢ଼ା ଯାଉଥିବା ପେଟ୍ରୋଲ ଜବତ ସାଙ୍ଗକୁ ଏହି ଟାଙ୍କି ମାଲିକଙ୍କ ସହ ତାଙ୍କ ୨ ସହଯୋଗୀଙ୍କୁ ରବିବାର ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ପୋଲିସର ଏକ ଟିମ ଏଏସ୍‌ଆଇ ଲୋଭାବତୀ ସାହୁଙ୍କ ନେତୃତ୍ୱରେ ଶନିବାର ୫୩ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ, ମାର୍ଶାଘାଇ କ୍ରସିଂ ଛକରେ ଥିବା ବଳଦେବଜୀଉ ପେଟ୍ରୋଲ ପାମ୍ପରେ ଥିବା ଏକ ତେଲ ଟ୍ୟାଙ୍କରରୁ ବେଆଇନ ଭାବେ ପେଟ୍ରୋଲ ପ୍ଲାଷ୍ଟିକ ଜାରକିନ ମାଧ୍ୟମରେ କଢ଼ାଯାଉଛି। ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୧୫ଟି ଜାରକିନରେ କଢ଼ା ଯାଇଥିବା ପ୍ରାୟ ୪୫୦ ଲିଟର ପେଟ୍ରୋଲ ଓ ଏକ ସ୍କୁଟି ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ମାଲିକଙ୍କ ସମେତ ମ୍ୟାନେଜର ଓ ଷ୍ଟାଫଙ୍କୁ ପୋଲିସ ଗିରଫ କରିଛି। ଗିରଫ ମାଲିକ ହେଲେ ଡେରାବିଶ ଥାନା ଅନ୍ତର୍ଗତ ବଡମଙ୍ଗରାଜପୁର ଗାଁର ଚନ୍ଦନ କୁମାର ସାହୁ, ପାଟକୁରା ଥାନା ଅନ୍ତର୍ଗତ ଆଇଡିପୁର ଗ୍ରାମର ପ୍ରମୋଦ କୁମାର ନାୟକ ଓ ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜଗନ୍ନାଥ ବିଶ୍ୱାଳ। ଏମାନେ ଏହି ପେଟ୍ରୋଲକୁ ଚୋରାରେ ବାହାରେ ବିକ୍ରି କରିଥାନ୍ତେ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନରେ ନଂ. ୪୬୦/୨୩ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସଞ୍ଜୀବ ଖଚୁଆ ସୂଚନା ଦେଇଛନ୍ତି।

## ଜମାକାରୀଙ୍କୁ ଟଙ୍କା ଫେରାଇଲେ ଶାଖା ଡାକପାଳ

ବ୍ରହ୍ମବରଦା,୨୦।୮ (ଯଯାତି କେଶରୀ ବେହେରା)

ଯାଜପୁର ବ୍ଲକ୍ ଅଧୀନ ଝାଲପଡ଼ା ଗ୍ରାମର ଶାଖା ଡାକପାଳ ରାମ ମୁଣ୍ଡା ହଡ଼ପ କରିଥିବା ଜମାକାରୀଙ୍କ ଟଙ୍କା ଫେରାଇଛନ୍ତି।

ସେ ଶନିବାର ରାତି ପ୍ରାୟ ୧୦ଟାରେ ବ୍ରହ୍ମବରଦା ଥାନାରେ ୪ ଲକ୍ଷ ୩୮ ହଜାର ଟଙ୍କା ଜମାକାରୀ ମାଳତୀ ପାଢ଼ୀଙ୍କୁ ଦେଇଛନ୍ତି। ଝାଲପଡ଼ା ପଞ୍ଚାୟତ ସାନବାଗସାହି ଗ୍ରାମର ରସିକ ପାଢ଼ୀଙ୍କ ସ୍ତ୍ରୀ ମାଳତୀ ପର୍ଯ୍ୟାୟକ୍ରମେ ଉକ୍ତ ଡାକଘରେ ଏକ ଜମା ଖାତା ଖୋଲି ୫ଲକ୍ଷ ଜମା ଟଙ୍କା ରଖିଥିଲେ। ପରବର୍ତ୍ତୀ ସମୟରେ ଯାଞ୍ଚ କରିବାରୁ ତାଙ୍କ ଖାତାରେ ମାତ୍ର ୬୨ ହଜାର ଟଙ୍କା ଜମାଥିବା ଜାଣିବାକୁ ପାଇଥିଲେ।



ଏହାପରେ ଜମାକାରୀଙ୍କ ସହ ଗ୍ରାମର କିଛି ଲୋକେ ଶାଖା ଡାକପାଳଙ୍କୁ ଶନିବାର ଅଟକ ରଖିଥିଲେ। ଖବର ପାଇ ଧର୍ମଶାଳା ଡାକ ବିଭାଗ ଅଧିକାରୀ ପ୍ରବୀଣ ଖୁଣ୍ଟିଆ ପହଞ୍ଚି ଶାଖାରେ ଥିବା ସମସ୍ତ କାଗଜପତ୍ର ସହ କିଛି ସଞ୍ଚୟ ଖାତା ଜବତ କରିଥିଲେ। ଶାଖା ଡାକପାଳ ମୁଣ୍ଡା ଟଙ୍କା ଫେରାଇବା ପରେ ଜମାକାରୀ ତାଙ୍କୁ ଛାଡ଼ି ଦେଇଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମିୟ



@ ଦେବରାଜ



@ ଶ୍ରାବଣୀ



@ ସୁମୁନି



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଛ, କୁକୁଡ଼ା, ଉଦ୍ୟାନ କୃଷି ସ୍ୱାବଲମ୍ବୀ କରିବ

କେନ୍ଦ୍ରାପଡ଼ା, ୨୦।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ନାହିଁ। କୃଷିଭିତ୍ତିକ ଏହି ଜିଲାରେ ଅର୍ଥକରୀ ଫସଲ ପ୍ରତି ପ୍ରୋତ୍ସାହନ ନାହିଁ। ଖରିଫ ଧାନଚାଷ ସମୟରେ ଜଳସେଚନ ସହିତ ଜଳ ନିଷ୍କାସନ ସମସ୍ୟା ଲାଗି ରହିଛି। ଧାନ ଚାଷରୁ ଆଶାନୁରୂପକ ଲାଭ ମିଳୁ ନ ଥିବାରୁ ଅଧିକାଂଶ ଚାଷୀ ଏବେ ଜିଲା ବାହାରେ କର୍ମନିଯୁକ୍ତି ଅନ୍ୱେଷଣରେ ଅଛନ୍ତି। ଜଳ ନିଷ୍କାସନ ସମସ୍ୟାରେ ଥିବା ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ପୋଖରୀ ନିର୍ମାଣ ପାଇଁ ଜିଲା ଜନ ସୁରକ୍ଷା ମଞ୍ଚ ଆବାହକ ଗଣେଶ ଚନ୍ଦ୍ର ସାମଲ ଜିଲାପାଳଙ୍କୁ ଶନିବାର ଚିଠି କରିଛନ୍ତି। ଏହାଦ୍ୱାରା ମାଛ, କୁକୁଡ଼ା ସହ ଉଦ୍ୟାନ କୃଷି ଜିଲାବାସୀଙ୍କୁ ସ୍ୱାବଲମ୍ବୀ କରିବ ବୋଲି ଏଥିରେ ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ମଞ୍ଚ ଆବାହକ ସାମଲ କହିଛନ୍ତି, କୃଷି କ୍ଷେତ୍ରରେ ମୌଳିକ ସମସ୍ୟାର ନିରାକରଣ ପାଇଁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଦେଖାଦେଇଛି। ଏହି ଜିଲାର ପ୍ରମୁଖ ଫସଲ ଭାବେ ଧାନଚାଷ ହେଉଛି। ଏହି ଫସଲ ପାଇଁ ଜଳ ପରିଚାଳନା ବଡ଼ ସମସ୍ୟା ହୋଇଛି। ଆଳି, ରାଜନଗର, ରାଜକନିକା ଅଞ୍ଚଳରେ ଜଳସେଚନ ପାଇଁ କେନାଲ ନ ଥିବା ବେଳେ ଜଳ ନିଷ୍କାସନ ପାଇଁ ଜିଲାର ୯ ବ୍ଲକ ଅଞ୍ଚଳରେ ଚାଷୀ ହତାଶ ହେଉଛନ୍ତି। ଗହୀରପାଟ ଅଞ୍ଚଳରେ ପୋଖରୀ ନିର୍ମାଣ ହେଲେ ସଘନ ଚାଷ ଜିଲାର ଆର୍ଥିକ ବିକାଶ କରିପାରିବ। ପୋଖରୀରେ ମାଛ ସହିତ ଏହା ଉପରେ ଥିବା ଶେଡ୍‌ରେ କୁକୁଡା ଓ ପାର୍ଶ୍ୱ ଅଞ୍ଚଳରେ ଉଦ୍ୟାନ କୃଷିରୁ ଆୟ ହେବ। କୃଷକ ନେତା ଗୟାଧର ଧଳ କହିଛନ୍ତି, କର୍ମନିଯୁକ୍ତି ଅଭାବରୁ ଯୁବବର୍ଗ ପଥଭ୍ରଷ୍ଟ ହେଉଛନ୍ତି। ସେମାନଙ୍କୁ କର୍ମନିଯୁକ୍ତି ପାଇଁ ମଞ୍ଚର ଦାବିରେ ଯଥାର୍ଥତା ଅଛି। ଜଳ ନିଷ୍କାସନ ସମସ୍ୟାରେ ଥିବା କ୍ଷେତରେ ଆଶାନୁରୂପକ ଫସଲ ଉତ୍ପାଦନ ହେଉନାହିଁ। ଚାଷୀ ଋଣ ବୋଝରେ ବୁଡୁଛି। ଜିଲାର ବୋଇତାଳ



ରାଜନଗର ଭେଙ୍କାକୋଲାରେ ଏସଏଚଜି ମହିଳାମାନେ ମାଛ ଚାଷ କରିଥିବା ପୋଖରୀ ଖାଦ୍ୟ ପକାଉଛନ୍ତି।

ପାଟ, ଆଳି ଭେଡାଞ୍ଚଳ, ପୂଆହାଟ ପାଟ, ଗହଗା ପାଟ, ବୌଦ୍ଧ ପାଟ, ବିଶିବିଲି ପାଟ ଆଦି ଅଧିକାଂଶ କ୍ଷେତ ଅଞ୍ଚଳ ଜଳ ନିଷ୍କାସନ ସମସ୍ୟାରେ ଅଛି। ଏହାବ୍ୟତୀତ ବିଭିନ୍ନ ସରକାରୀ ଜମି ଏବେ ପଡ଼ିଆ ପଡ଼ି ଆର୍ଥିକ ବିକାଶକୁ ରୋକିଛି। କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜମିରେ ବେଣାକନ୍ଦା ବଢ଼ିବା ଅପେକ୍ଷା ପୋଖରୀ ନିର୍ମାଣ କରାଯାଇ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଜରୁରୀ ହୋଇପଡ଼ିଛି। ଏଥିପାଇଁ ରାଜନେତା ଓ ପ୍ରଶାସକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ସେ ମତ ଦେଇଛନ୍ତି।

- ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଜଳ ନିଷ୍କାସନ ସମସ୍ୟା
- ଖରିଫ ଧାନଚାଷରେ ଆଶାନୁରୂପକ ଲାଭ ହେଉନି

ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜିଲାର ଲୋକେ ମାଛ, କୁକୁଡା ଓ ପନିପରିବା ପାଇଁ ବାହାର ଜିଲା ଓ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ମାଛ, ଅଣ୍ଡା, କୁକୁଡା ଆଦି ଆନ୍ଧ୍ରପ୍ରଦେଶରୁ ଆସୁଥିବା ବେଳେ ପନିପରିବା ବାହାର ଜିଲାରୁ ଆସୁଛି। ଏହି ନିଅଣ୍ଟ ଭରଣା ପାଇଁ ମୋ ପୋଖରୀ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଜିଲାରେ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଛି। ଏହାକୁ ଉପଯୋଗ କଲେ ଯୁବବର୍ଗ ଦାଦନ ଓ ଆପରାଧିକ ଜୀବନଠାରୁ ଦୂରରେ ରହିପାରିବେ। କୃଷିକୁ ଅଗ୍ରାଧିକାର ଦିଆଯାଉଥିବା ପ୍ରଶାସନିକ ଅଧିକାରୀ ସର୍ବଦା କହୁଥିଲେ ମଧ ବାସ୍ତବରେ ତୃଣମୂଳ ସ୍ତରରେ ଏହାର ବିପରୀତ ଦେଖିବାକୁ ମିଳୁଛି। ଜିଲା ମତ୍ସ୍ୟ ଚାଷୀ ସଂଘର କର୍ମକର୍ତ୍ତା ନିରଞ୍ଜନ ପରିଡା କହିଛନ୍ତି, ଜିଲାରେ ମତ୍ସ୍ୟଚାଷୀଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ। ନଦୀ, ନାଳ, ଯୋର ଆଦି ଜଳ ଉତ୍ସ ଏବେ ଜବରଦଖଲକାରୀଙ୍କ ହାତକୁ ଗଲାଣି। ମସୁରି ଜାଲର ବ୍ୟବହାର, ବିଷ ପ୍ରୟୋଗ ମାଛ ସଂଖ୍ୟା ବୃଦ୍ଧିକୁ ରୋକୁଛି। ସାମୁଦ୍ରିକ କଟକଣା ଯୋଗୁ ମତ୍ସ୍ୟଜୀବୀ ୭ ମାସ ଧରି ଜୀବିକା ଶୂନ୍ୟ ହେଉଛନ୍ତି। ଏହାବ୍ୟତୀତ ଆର୍ଦ୍ରଭୂମିରେ ବଡ଼ବଡ଼ିଆଙ୍କୁ ଚିଙ୍ଗୁଡ଼ି ଚାଷ ପାଇଁ ଅନୁମତି ଯୋଗୁ ମତ୍ସ୍ୟଜୀବୀ ଆୟଶୂନ୍ୟ ହୋଇଛନ୍ତି। ପୋଖରୀ ନିର୍ମାଣ ପ୍ରୋତ୍ସାହନ ମତ୍ସ୍ୟଜୀବୀ ସହ ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜିଲାର ଆର୍ଥିକ ଉନ୍ନତି ପାଇଁ ମୋ ପୋଖରୀ ପରି ସରକାରୀ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ଆବଶ୍ୟକ। ଏଥିପାଇଁ ଯୁବବର୍ଗ ଆଗ୍ରହୀ ଥିଲେ ସରକାରୀ ପ୍ରୋତ୍ସାହନ ମିଳିପାରିବ ବୋଲି ସେ କହିଛନ୍ତି।

# ଆବାସ ଯୋଜନା ବିରୋଧରେ ନିଆରା ପ୍ରତିବାଦ

ନୂଆଗାଁ,୨୦।୮(ଧନେଶ୍ୱର ସାହୁ)



ଅର୍ଦ୍ଧ ନିର୍ମିତ ଘର କାନ୍ଥରେ ପୋଷ୍ଟର ଲଗାଇ ପ୍ରତିବାଦ କରୁଛନ୍ତି ଯୁଧିଷ୍ଠିର।

- ଯୋଗ୍ୟଙ୍କୁ ଅଯୋଗ୍ୟ କରିଛନ୍ତି ତଦନ୍ତକାରୀ ଟିମ୍
- ଘର କାନ୍ଥରେ ୱାର୍ଡ ମେମ୍ବର ଆବାସ ଯୋଜନା ଲେଖି ପ୍ରତିବାଦ
- ଅଭିଯୋଗ କଲେ ମିଳୁନି ସୁଫଳ

କଚ୍ଚା ଘରେ ରହୁଥିବା ଗରିବ ଲୋକମାନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ସେଥିରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହେଉଛି। ନୂଆଗାଁ ବ୍ଲକରେ ଆବାସ ଯୋଜନା ପାଇଁ ହିତାଧିକାରୀ ଚୟନରେ ପାତରଅନ୍ତର ନୀତି ଆପଣାଇ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଗ୍ୟ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ଅଯୋଗ୍ୟ କରାଯାଇଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳୁନି । ଫଳରେ ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ଯୁଧିଷ୍ଠିର ପ୍ରଧାନ ନିଜ ଅର୍ଥରେ ଅଧାଗଢା ଥିବା ଘର ସାମ୍ନାରେ ୱାର୍ଡ ମେମ୍ବର ଆବାସ ଯୋଜନା ଲେଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନିୟମିତତାର ପ୍ରତିବାଦ କରିଛନ୍ତି।

ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଗଦାଧରପୁର ଗ୍ରାମର ଯୁଧିଷ୍ଠିର ପ୍ରଧାନ ନିଜର ସ୍ୱଳ୍ପ ରୋଜଗାରରେ ପକ୍କା ଘର ନିର୍ମାଣ କରି ପାରି ନାହାନ୍ତି। ସେଥିପାଇଁ ସେ ବାପାଙ୍କ ସମୟରେ ନିର୍ମାଣ କରାଯାଇଥିବା ଆଜବେଷ୍ଟ ଘରେ ରହୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରଟିଏ ପାଇବା ପାଇଁ ନିଜକୁ ଦାବିଦାର ବୋଲି ମନେ କରି ଏଥିପାଇଁ ଆବେଦନ କରିଥିଲେ। ଏପରି କି ଚଳିତ ବର୍ଷ ପଞ୍ଚାୟତରେ ଲଗା ଯାଇଥିବା ଆବାସ ଯୋଜନା ତାଲିକାରେ ଯୁଧିଷ୍ଠିରଙ୍କ ସ୍ତ୍ରୀ ଝୁନୁଲତା ପ୍ରଧାନଙ୍କ ନାମ ମଧ୍ୟ ରହିଥିଲା । ତେଣୁ ଗୃହ ପାଇଁ ଆଶାବାଦୀ ହୋଇ ଇଟା କିଣି ଜମା କରିଥିଲେ। ହେଲେ ତାଲିକାରେ ନାମଥିବା ଅନ୍ୟ ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ବେଳେ ଝୁନୁଲତାଙ୍କ ଆକାଉଣ୍ଟକୁ ସେହି ଅର୍ଥରାଶି ଆସି ନ ଥିଲା। ଏହା ପରେ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଯିବାରେ ପକ୍କା ଘର ଥିବାରୁ ନାମ କଟି ଯାଇଥିବା ଜାଣିବାକୁ ପାଇଥିଲେ । ଶେଷରେ ନିରାଶ ହୋଇ ଧାର କରଜ କରି ନିଜସ୍ୱ ଖର୍ଚ୍ଚରେ କିଣିଥିବା ଇଟାକୁ ବ୍ୟବହାର କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଘର ନ ଥିବାରୁ ଅତି ଦୟନୀୟ ଅବସ୍ଥାରେ ଦିନ ବିତାଉଥିବା ଯୁଧିଷ୍ଠିର କିମ୍ବା ଝୁନିଲତାଙ୍କ କେଉଁ ଘରକୁ ଦେଖି ତଦନ୍ତକାରୀ ଟିମ୍ ଆବାସ ତାଲିକାରୁ ଝୁନିଲତାଙ୍କ ନାମକୁ କାଟିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଯୁଧିଷ୍ଠିର । ତଳସ୍ତରରେ ତଦନ୍ତ କରି ତାଲିକାରେ ନାମ ଯୋଗ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ କି ଭଳି ନା କାଟି ଦିଆ ଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏହାର ପ୍ରତିବାଦ ସ୍ୱରୂପ ନିଜସ୍ୱ ଅର୍ଥରେ ଅଧା ଗଢା ହୋଇଥିବା ଘରେ ୱାର୍ଡ ମେମ୍ବର ଆବାସ ଯୋଜନା ଲେଖି ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରିବାର ପ୍ରତିବାଦ କରିଛନ୍ତି। ଏ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ତଦନ୍ତକାରୀ ଟିମ୍‌ର ରିପୋର୍ଟ ଅନୁଯାୟୀ କାର୍ଯ୍ୟ ହେଉଛି। ଅଭିଯୋଗ କଲେ ପୁନର୍ବାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ବୋଲି ସେ କହିଛନ୍ତି ।

# ଜବରଦଖଲ କରି ଆବାସ ଗୃହ ନିର୍ମାଣ ଅଭିଯୋଗ

ଖଣ୍ଡପଡ଼ା,୨୦।୮(ଅଜୟ କୁମାର ମହାରଣା)

ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ବେଳେ ଅନଅଧିକାର ଭାବେ ଅନ୍ୟ ଜଣଙ୍କ ଜାଗା ଦଖଲ କରି ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ନେଇ ଖଣ୍ଡପଡ଼ା ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ପୁନଶ୍ଚ ଉକ୍ତ ଆବାସ ଗୃହ ନିର୍ମାଣକୁ ନେଇ ବିବାଦ ଦେଖା ଦେବା ପରେ ଖଣ୍ଡପଡ଼ା ଥାନାରେ ମାମଲା ପହଞ୍ଚିଛି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ମଝିସାହି ପାଟଣା ଗ୍ରାମର ସ୍ୱର୍ଗତ ରାଜ କିଶୋର ସାହୁଙ୍କ ୫ପୁଅଙ୍କ ନାମରେ ଜାଗା ବଣ୍ଟନ ହୋଇଥିଲା। ୫ପୁଅଙ୍କ ମଧ୍ୟରୁ ନାରାୟଣ ସାହୁ, ଚିତ୍ତରଞ୍ଜନ ସାହୁ, ମନୋରଞ୍ଜନ ସାହୁ ୩ ଭାଇ ତାଙ୍କ ଭାଗରେ ପଡ଼ିଥିବା ଜାଗାକୁ୭୫ ହଜାର ଟଙ୍କା ବିନିମୟରେ ନିରଞ୍ଜନ ସାହୁଙ୍କୁ ବିକ୍ରୀ କରି ଦେଇଥିଲେ। ଅନ୍ୟ ଜଣେ ଭାଇ ଶ୍ରୀଚରଣ ସାହୁଙ୍କ ସ୍ତ୍ରୀ ବୃନ୍ଦାବତୀ ସାହୁ, ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇବା ପରେ ତାଙ୍କ ଜାଗା ସହ ପାର୍ଶ୍ୱରେ ଥିବା ନିରଞ୍ଜନ ସାହୁଙ୍କ ଜାଗାକୁ ମଡ଼ାଇ ବେଆଇନ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ନେଇ ନିରଞ୍ଜନଙ୍କ ପରିବାର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଡ଼ିଓ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗ ପାଇ ସେ ପିଇଓଙ୍କୁ ସଂପୃକ୍ତ ସ୍ଥାନକୁ ସ୍ଥିତି ଅନୁଧାନ ପାଇ ପଠାଇଥିଲେ। ଗୃହ ନିର୍ମାଣ ପାଇଁ ବିଧି ବ୍ୟବସ୍ଥା କ୍ରମେ ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବା ବିଡିଓ ସାହୁ ସୂଚନା ଦେଇଥିବା ବେଳେ ପିଇଓଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ତେବେ ପ୍ରଶାସନ ଠାରୁ ନ୍ୟାୟ ନ ମିଳିଲେ ଅଭିଯୋଗକାରୀ ବାଧ ହୋଇ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ପୁନରୁଦ୍ଧାର ଅପେକ୍ଷାରେ ଦେଓଗାଁ ଚେକ୍‌ଡ୍ୟାମ


ପୋତି ହୋଇ ପଡିଥିବା ଚେକ୍‌ଡ୍ୟାମ୍।

ଓଡ଼ଗାଁ,୨୦।୮(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ୍ ଅଧୀନ ଦେଓଗାଁ ଗ୍ରାମ ଗହୀର ଦେଇ କୁସୁମୀ ନଦୀ ସ୍ଥିତ ଶୁଖୁଆମୁଣ୍ଡି ଖାଲରେ ବହୁ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ ନିଜର ସତ୍ତା ହରାଇଛି । ଗ୍ରାମବାସୀଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ଏହି ଚେକ୍‌ଡ୍ୟାମ ଏବେ ଭଗ୍ନ ଅବସ୍ଥାରେ ପଡି ରହିଛି। ଚେକ୍ ଡ୍ୟାମ୍ ଭିତରେ ଅନାବନା ଗଛଲତା ଭରି ରହିଛି । ପୂର୍ବରୁ ଏହି ଚେକ୍‌ଡ୍ୟାମରେ ଯାଉଥିବା ଜଳ ଦ୍ୱାରା ଦେଓଗାଁ, ଭାଲିଆଡିହି, ମଶାବାରୀ, ପନ୍ତିଖାରୀ, କୈବଲ୍ୟପୁର, ବାରପୁରିକିଆ ଆଦି ଏକାଧିକ ଗ୍ରାମକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିଲା। ଏଥିସହିତ ବର୍ଷ ସାରା ପନି ପରିବା ଚାଷ ହେଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଚେକ୍‌ଡ୍ୟାମ ପାର୍ଶ୍ୱରେ ଚାରାରୋପଣ କରିବା ସହିତ ଏହାକୁ ମରାମତି କରିବା ପ୍ରତିଶ୍ରୁତି ଦିଆଯାଇ ଭଙ୍ଗା ଯାଇଥିଲା। କିନ୍ତୁ ଗଛ ଲଗାଯିବା ପରେ ଚେକ୍ ଡ୍ୟାମ୍‌କୁ ଆଉ ମରାମତି କରାଗଲାନାହିଁ। ଫଳରେ ଅଦ୍ୟାବଧି ଏହା ଭଗ୍ନ ଅବସ୍ଥାରେ ପଡିରହିବା ସହିତ ଚାଷ କ୍ଷେତ୍ରକୁ ଜଳସେଚନ ହୋଇପାରୁ ନ ଥିବା ନେଇ ଦେଓଗାଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚେକ୍ ଡ୍ୟାମ୍‌କୁ ଶୀଘ୍ର ମରାମତି କିମ୍ବା ପୁନରୁଦ୍ଧାର କରିବାକୁ ଗ୍ରାମବାସୀଙ୍କ ତରଫରୁ ସାମାଜିକ କର୍ମୀ ଦିଲୀପ କୁମାର ବିଶୋଇ ଦାବି କରିଛନ୍ତି। ହେଲେ ଜଳ ଛାୟା ପ୍ରକଳ୍ପ କିମ୍ବା ମୃତ୍ତିକା ସଂରକ୍ଷଣ ଅଧିକାରୀ ଏନେଇ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଗଛରେ ବିଜ୍ଞାପନ ମାରିବା ବନ୍ଦ ହେଉ

ଖଣ୍ଡପଡ଼ା,୨୦।୮(ଅଜୟ କୁମାର ମହାରଣା)

**ପରିବେଶ ପାଇଁ ଚାରା ରୋପଣ ଜରୁରୀ**

ବୃକ୍ଷ ବିନା ଜୀବ ଜଗତ ତିଷ୍ଠି ରହିବା ଅସମ୍ଭବ । ବୃକ୍ଷ ହିଁ ଜୀବନ । ପ୍ରତିବର୍ଷ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବା ସହ ପଥପାର୍ଶ୍ୱ ବନୀକରଣ ଯୋଜନାରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଉଛି । ସମୟାନୁକ୍ରମେ ସେହି ଗଛଗୁଡ଼ିକ ରାସ୍ତା ପାର୍ଶ୍ୱରେ ମହାଦ୍ରମରେ ପରିଣତ ହୋଇ ଫଳ ଓ ଛାୟା ପ୍ରଦାନ କରିଥାଏ। ତେବେ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଗଛରେ କଣ୍ଟାପିଟି, ଦଉଡ଼ି କିମ୍ବା ତାର ବାନ୍ଧି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, କୋଚିଂ ସେଣ୍ଟର ଆଦି ପୋଷ୍ଟର, ବିଜ୍ଞାପନ ଆଦି ଲଗାଇ ଥାଆନ୍ତି। ପ୍ରଶାସନିକ ଉଦାସୀନତା ଓ ବନବିଭାଗର ସ୍ଥାଣୁତା ଯୋଗଛାୟା ପ୍ରଦାନକାରୀ ଗଛ ପ୍ରତି ମାନବ ସମାଜର ଏଭଳି ଆଚରଣକୁ ନେଇ ପରିବେଶବିତ୍‌ମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାସ୍ତାପାର୍ଶ୍ୱର ସବୁଜିମାକୁ ନଷ୍ଟ କରୁଥିବା ଘରୋଇ ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ ଓ ଅସାଧୁ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଓ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ପରିବେଶବିତ୍ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ପରିବେଶବିତ୍ ଆଦିତ୍ୟ କୁମାର ଦାଶ ପ୍ରମୁଖ ଦାବି କରିବା ସହ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି।

# ସଂକଳ୍ପ ଅନୁଷ୍ଠାନ ପକ୍ଷରୁ କବିତା ଆସର


କବିତା ଆସରରେ ଯୋଗଦେଇଥିବା ସାହିତ୍ୟିକ।

ଦଶପଲ୍ଲା,୨୦।୮(ପ୍ରକାଶ କୁମାର ପାଣି)

ରବିବାର ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ଏକ କବିତା ଆସର ସ୍ଥାନୀୟ ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ଉପସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠ ଉତ୍ସବରେ ବହୁ କବି ସାହିତ୍ୟ ଏବଂ ଚାରା ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ଚେୟାରମ୍ୟାନ ମଦନ ମୋହନ ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ଆୟୋଜିତ କବିତା ପାଠରେ ଅସରପ୍ରାପ୍ତ ଶିକ୍ଷକ ବନମାଳୀ ପରିଡ଼ା, ବାବା ପ୍ରାଣକୃଷ୍ଣ ବେହେରା, ପ୍ରଫୁଲ ଦାଶ, ପ୍ରମୋଦ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ମିଶ୍ର, ରବିନ୍ଦ୍ରନାଥ ମିଶ୍ର, ଡାକ୍ତର ଅନ୍ତର୍ଯ୍ୟାମୀ ଭୁୟାଁ, ମହେଶ୍ୱର ବେହେରା, ଆଡଭୋକେଟ ବେଣୁଧର ନାୟକ, ମୁରଲୀଧର ମହାରଣା, କିଶୋର ଦଳବେହେରା, ନାରାୟଣ ସାହୁ, ମନୁ ବରାଡ଼, କୁନାକାନ୍ତ ବେହେରା, ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ପ୍ରଫୁଲ୍ଲ କୁମାର ଟିକିରା ସମେତ ବହୁ କବିତା ପାଠ କରିଥିଲେ। ସାହିତ୍ୟର ପ୍ରସାର ପାଇଁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବନମାଳୀ ପରିଡ଼ାଙ୍କ ଦୁଇଟି ପୁସ୍ତକ ସ୍ତୁତି ମାଳା ଏବଂ ଆମେ ଭାରତୀୟ ଆମ ଜାତୀୟ ପୁସ୍ତକ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଦେଇଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମିୟ


@ ଦେବରାଜ


@ ଶ୍ରାବଣୀ


@ ସୁମୁନୀ


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟାଟା ନେହେରୁ ଶିଶୁ ରାଇଜର ନୂତନ କର୍ମକର୍ତ୍ତା


ଶିଶୁରାଇଜ କମ୍ପ୍ୟୁଟର ଗୃହକୁ ଗ୍ରୀନ୍ କ୍ଲବ୍‌ର ସଭାପତି ଉଦ୍‌ଘାଟନ କରୁଛନ୍ତି।

ଶରଣକୁଳ,୨୦।୮(ଦୀପକ କର)

ଓଡ଼ଗାଁ ବ୍ଲକ ହରିହରପୁର ଗ୍ରାମ ପଞ୍ଚାୟତ ଅଧୀନ ବଡପୁଟ ଗ୍ରାମରେ ଥିବା ଟାଟା ନେହେରୁ ଶିଶୁ ରାଇଜର କର୍ମକର୍ତ୍ତା ନିର୍ବାଚିତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାନନ ଦୋରା ସଭାପତି, ସୁଜିତ୍ କୁମାର ପ୍ରଧାନ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ଶିଶୁ ରାଇଜ ପରିସରରେ ଏକ କମ୍ପ୍ୟୁଟର ଗୃହକୁ ଗ୍ରୀନ୍ କ୍ଲବର ସଭାପତି ବିଭୁପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ସେ ନିଜେ ୩ କମ୍ପ୍ୟୁଟର ପ୍ରଦାନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଗ୍ରାମ ସଭାପତି ସମେତ ଶିଶୁ ରାଇଜର କର୍ମକର୍ତ୍ତା ଯୋଗଦେଇ ଥିଲେ। ଶିଶୁ ରାଇଜର ସଭ୍ୟା/ସଭ୍ୟ ପ୍ରତିଦିନ କମ୍ପ୍ୟୁଟର ଶିକ୍ଷା କରିବେ ବୋଲି ଶିଶୁ ରାଇଜର ସଭାପତି ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ଶରୀର ଦାନ ସଙ୍କଳ୍ପ ଶିବିର

ଶରଣକୁଳ/ରଣପୁର,୨୦।୮
(ଦୀପକ କର/ସୁକାନ୍ତ କିଶୋର ଡାକୁଆ)


ଶରୀରଦାନ ସଙ୍କଳ୍ପ ଶିବିରରେ ମଞ୍ଚାସୀନ ଅତିଥି।

ନୟାଗଡ଼ ଜିଲାସ୍ତରୀୟ ଶରୀର ଦାନ ସଙ୍କଳ୍ପ ଶିବିର ଶରଣକୁଳ ଯାତ୍ରୀ ନିବାସଠାରେ ନାଟ୍ୟକାର ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ସୁଚାରୁ ବଳ, ମୁଖ୍ୟବକ୍ତା ରାଜ୍ୟ ଜୀବନ ଦାନ ସଂସ୍ଥାର ସମ୍ପାଦକ ଦେବେନ୍ଦ୍ର ସୁତାର, ସମ୍ମାନିତ ଅତିଥି ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଆଞ୍ଚଳିକ ଆବାହକ ପବିତ୍ର ଇନ୍ଦ୍ରଜିତ୍ ପ୍ରମୁଖ ଯୋଗଦେଇ ମରଶରୀରକୁ ଅମର କରିବା ଏହି ସଙ୍କଳ୍ପ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ମଣିଷକୁ ଦୀର୍ଘାୟୁ କରିବା ପାଇଁ ବିଜ୍ଞାନ ବିଶେଷ ଭାବେ ଚିକିତ୍ସା ବିଜ୍ଞାନ ଶତ ଚେଷ୍ଟିତ । ଏଥିପାଇଁ ଆମକୁ ଶରୀର ଦାନ କରିବାକୁ ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଶରୀର ଦାନ ପାଇଁ ୨୩ଜଣ ବ୍ୟକ୍ତି ନିଜର ସ୍ୱୀକାରପତ୍ର ପଞ୍ଜିକରଣ କରିଥିଲେ। ପୂର୍ବରୁ ଶରୀରଦାନ ପାଇଁ ୨୫ଜଣଙ୍କୁ ପ୍ରମାଣପତ୍ର ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅଙ୍ଗଦାନ ସମ୍ପର୍କରେ ମୁଖ୍ୟ ପ୍ରଚାରକ ଭାବେ ଭାଗବାନ ସାହୁଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଏହି ଅବସରରେ କଟକ ବଡ଼ ମେଡ଼ିକାଲକୁ ଶରୀର ଦାନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ନୟାଗଡ଼ ଜିଲା ରଣପୁର ବ୍ଲକର ୨ ମହିଳା ଓ ୨ ପୁରୁଷ । ଏନେଇ ସେମାନେ ଜୀବନ ଦାନ ଅଭିଯାନ ପତ୍ରରେ ସ୍ୱାକ୍ଷର କରିଛନ୍ତି। ସେମାନେ ହେଲେ ସିପିଆଇ ନେତା ସୁରେଶ ସ୍ୱାଇଁ ଓ ସଂଯୁକ୍ତା ସେଠୀ। ସେହିପରି ନିତ୍ୟାନନ୍ଦ ପରିଡ଼ା ଓ ତାଙ୍କ ସ୍ତ୍ରୀ ଲିଲିବାଳା ପରିଡ଼ା ବି ଶରୀର ଦାନ ପାଇଁ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଛନ୍ତି। ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ସେମାନେ କଟକ ମେଡ଼ିକାଲ କଲେଜର ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ିବା ପାଇଁ ନିଜ ଶରୀର ଦାନ କରିବାକୁ ସ୍ୱାକ୍ଷର କରିଛନ୍ତି ବୋଲି ଶରଣକୁଳରେ ଆୟୋଜିତ ଜିଲାସ୍ତରୀୟ ଶରୀର ଦାନ ସଙ୍କଳ୍ପ ଶିବିରରେ ଘୋଷଣା କରିଛନ୍ତି। ଶେଷରେ ପବିତ୍ର ଇନ୍ଦ୍ରଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ ।

